ଶ୍ରୀମଦ୍ ଭାଗବତ

ମହାତ୍ମ୍ୟ ।

୰ ଶ୍ରୀ ଶ୍ରୀ ପଦ୍ମନାଭ ଦେବଙ୍କ ଦ୍ୱାରା ବିରଚିତ

ଶ୍ରୀଶ୍ରୀଶ୍ରୀ କୃଷ୍ଣଚନ୍ଦ୍ର ଗଜପତି
ନାରାୟଣ ଦେବ ମହାରାଜାଙ୍କ ଦ୍ୱାରା
ପ୍ରକାଶିତ ॥

ଶ୍ରୀ ଗଜପତି ଯନ୍ତ୍ରାଳୟରେ
ବିନାୟକ ପଟ୍ଟନାୟକଙ୍କ ଦ୍ୱାରା ପ୍ରଥମ ବାର
ମୁଦ୍ରିତ ।
ପାରଳାଖିମୁଣ୍ଡି ॥
1938

(ମୂଲ୍ୟ ଦୁଇଅଣା ମାତ୍ର

ଶ୍ରୀମଦ୍ଭାଗବତ ମହାତ୍ମ୍ୟ ॥

ଶ୍ରୀରାଧାକୃଷ୍ଣାଭ୍ୟାଂନମଃ ॥

ଜୟ ତୁ ଯଶୋଦା ନନ୍ଦନ । ଲକ୍ଷ୍ମୀ ହୃଦୟ ଚନ୍ଦନ ॥
ତୁମ୍ଭ କୃପାରୁ ଏ କବିତ୍ୱ । ନିର୍ବିଘ୍ନେ ହେଉ ସମାପତ ॥
ଦିନେ ଶୌନକ ମହାରୁଷି । ଶ୍ରୀହରିକଥାମୃତେ ରସି ॥
ନୈମିଷା ଅରଣ୍ୟରେ ସୂତ । ପୁରାଣ ଭାର୍ଗବ ବୁଦ୍ଧିବନ୍ତ ॥
ସୂତଙ୍କୁ ବିନୟ ବଚନେ । ପୁଚ୍ଛନ୍ତି ଅତି ତୋଷମନେ ॥

ଶୌନକଉବାଚ ॥

ହେ ସୂତ ମୁନିଙ୍କର ପୂଜ୍ୟ । ଅଜ୍ଞାନ ଅନ୍ଧକାର ସୂର୍ଯ୍ୟ ॥
କହ ମୋ କର୍ଣ୍ଣ ରସାୟନ । ଶ୍ରୀହରି ଚରିତ ବିଧାନ ॥
ବୈରାଗ୍ୟ ଜ୍ଞାନ ଭକ୍ତି ପାଇ । ବିବେକ କରୁ ତପ ହୁଅଇ ॥
କେମନ୍ତେ ମାୟା ମୋହ କ୍ଷୟ । କରନ୍ତି ବୈଷ୍ଣବ ନିଚୟ ॥
ଏ ଘୋର କଳିଯୁଗେ ଜୀବ । ନଷ୍ଟପ୍ରାୟେ ଅସୁର ସ୍ୱଭାବ ॥
ନାନା କ୍ଲେଶରେ ଏ ଆକ୍ରାନ୍ତ । ସେବକ ଲଭିବେ କେମନ୍ତ
ମଙ୍ଗଳମାନଙ୍କ ମଙ୍ଗଳ । କୃଷ୍ଣପ୍ରାପ୍ତିକି ଅନୁକୂଳ ॥
ପାବନମାନଙ୍କ ପାବନ । ଶୀଘ୍ରରେ କହ ଏ ସାଧନ ॥

ଲୋକ ସୁଖକୁ ଚିନ୍ତାମଣି । ସମ୍ପତ୍ତି କଳ୍ପ ଦ୍ରୁମ ପୁଣି ॥
ଯାଚକ ଲୋକେ ଦେନ୍ତି ଯଥା । ଶ୍ରୀଗୁରୁ କୃପାକଲେ ତଥା
ଯୋଗୀନ୍ଦ୍ରେ ଯାହା ନ ଲଭନ୍ତି । କ୍ଷଣତେ ସେ ବୈକୁଣ୍ଠ ଦେନ୍ତି

ଶ୍ରୀସୂତଉବାଚ ।

ଏମନ୍ତ ଶୁଣି ସେହୁ ସୂତ । କହନ୍ତି ହୋଇ ହରଷିତ ॥
ହେ ସଉନକ ତୁମ୍ଭ ଚଉ । ଯଦ ହୋଇଲା ପ୍ରୀତିଯୁତ ॥
ତେବେ ମୁ କହୁଛୁ ବିସ୍ତର । ଶୁଣ ସଂଶୟ ଦୂର କର ॥
ଏ ସର୍ବ ସିଦ୍ଧାନ୍ତରେ ସାର । ସଂସାର ଭୟ କର ଦୂର ॥
ଯେ ପୁଣ ଭକ୍ତିକ ବଞ୍ଚାଇ । ଶ୍ରୀକୃଷ୍ଣ ସନ୍ତୋଷ କରାଇ ॥
ସେ କଥା କହୁଅଛୁ ମୁହିଁ । ଶୁଣ ଶୌନକ ମନ ଦେଇ ॥
ଏ କଳି ମହାବ୍ୟାଳଗ୍ରାସ । ଭୟ ନାଶକରେ ପ୍ରକାଶ ॥
ଏମନ୍ତ ଶାସ୍ତ୍ର ଭାଗବତ । କଳିରେ ଶୁକ କଲେ ଖ୍ୟାତ ॥
ଏଣୁ ଅଧିକ କଥା ହୋଇ । ମନ ଶୁଦ୍ଧିକ କେହି ନାହିଁ ॥
ଜନ୍ମାନ୍ତେ ଅଛି ଜା ସୁକୃତ । ସେହୁ ଲଭଇ ଭାଗବତ ॥
ପରୀକ୍ଷିତଙ୍କ ଅଗ୍ରତରେ । ଶ୍ରୀଶୁକ ସଭାର ଉପରେ ॥
ବସି ଏ କଥା ଆରମ୍ଭନ୍ତେ । ସମସ୍ତ ଦେବ ତୋଷଚିତ୍ତେ ॥
ଅମୃତ କୁମ୍ଭ ଘେନି କରେ । ସଭାରେ ମିଳିଲେ ସତ୍ୱରେ ॥
ଆପଣା କାର୍ଯ୍ୟରେ କୁଶଳ । ଏମନ୍ତ ସର୍ବ ସୁରକୁଳ ॥
ଶୁକଙ୍କୁ ନମସ୍କାର କରି । କହିଲେ ବଚନ ବିସ୍ତାରି ॥
ଏ ସୁଧା କୁମ୍ଭ ତୁମ୍ଭେ ନିଅ । ଆମ୍ଭଙ୍କୁ କଥାମୃତ ଦିଅ ॥
ଏମନ୍ତେ ରାଜା ଏ ସୁଧାକୁ । ପିଅନ୍ତୁ କରଣ ଶ୍ରଦ୍ଧାକୁ ॥
ଆମ୍ଭେ ଶ୍ରୀଭାଗବତାମୃତ । ପିଇବୁ ହୋଇ ହରଷିତ ॥
ଏବାଣୀ ଶୁଣି ଶୁକଦେବ । ମନେ ଘେନିଲେ ବେନିଭାବ ॥
ଉତ୍ତମ ମଣି କାଚ ଦୁଇ । ଯେତେକ ଅନ୍ତର ହୁଅଇ ॥
ଶ୍ରୀହରି କଥାମୃତ ସାର । ଏ ସୁଧା ତେତିକ ଅନଳ ॥

ଏମନ୍ତ ବଶ୍ୱର ମାନସ । ଦେବଙ୍କୁ କଲେ ଉପହାସ ॥
ଭକ୍ତି ନଦେଖି ଦେବଙ୍କର । ଶୁକ ନଦେଲେ କଥା ସାର ॥
ଏ ଯେହ୍ନ ଭାଗବତ କଥା । ଦେବଙ୍କୁ ନମିଲେ ସର୍ବଥା ॥
ପୂର୍ବରେ ଶୁଣି ଭାଗବତ । ମୁକ୍ତି ଲଭିଲେ ପରକ୍ଷିତ ॥
ଏମନ୍ତ ଦେଖି ବେଦବର । ବିସ୍ମୟ ହୋଇଲେ ମନର ॥
ସତ୍ୟଲୋକରେ ବସିକର । ଶ୍ରଦ୍ଧାରେ ତୁଳାଦଣ୍ଡ ଧର ॥
ଅନ୍ୟସାଧନ ଭାଗବତ । ଏ ବେନି ତୁଳିଲେ ତ୍ୱରିତ ॥
ଲଘୁ ହୋଇଲେ ସର୍ବ କର୍ମ । ଗୁରୁ ଏ ଭାଗବତ ଧର୍ମ ॥
ତା ଦେଖି ସର୍ବ ଋଷିଗଣ । ରହିଲେ ଆଶ୍ଚର୍ଯ୍ୟ ବହିଣ ॥
ଶ୍ରୀହରିରୂପ ଭାଗବତ । ପଠନ ଶ୍ରବଣ ତ୍ୱରିତ ॥
ଭୂଲୋକ ବୈକୁଣ୍ଠ ଫଳକୁ । ଦେଉଛି ଆଣିଲେ ମନକୁ ॥
ଏ ଶାସ୍ତ୍ର ସପ୍ତାହ ଶ୍ରବଣେ । ମୁକ୍ତି ଦେଉଛି ତତକ୍ଷଣେ ॥
ସନକ ଆଦି ଦସ୍ତୃ ଚରେ । ପୂର୍ବେ ଜେ ନାରଦ ଅଗ୍ରତେ
କହିଲେ ଏ ଶୁଦ୍ଧ ଚରିତ । ନାରଦ ହେଲେ ହରଷିତ ॥
ବ୍ରହ୍ମାଙ୍କ ମୁଖରୁ ନାରଦ । ଶୁଣିଲେ ହେଲେ ଏ ସଂବାଦ ॥
ସପ୍ତାହ ଶ୍ରବଣର ବିଧି । କହିଲେ ସନକାଦି ବୋଧି ॥୫୩॥

ଶୌନକଉବାଚ ।

ଶୌନକ କହନ୍ତି ଶୁକଙ୍କୁ । କଥାଏ ଅଛି ପୁଛିବାକୁ ॥୫୪
କଳହ ପ୍ରିୟ ଯେ ଅଟନ୍ତି । ସଦା ଅସ୍ଥିର ଚିତ୍ତ ବୃତ୍ତି ॥୫୫॥
ଏ ବିଧି ଶ୍ରବଣୁ ନାରଦ । କେହେତୁ ପାଇଲେ ଆନନ୍ଦ ॥
ସନକ ଆଦି କେଉଁଠାରେ । ମିଳିଲେ ନାରଦ ସଙ୍ଗରେ ॥

ସୂତଉବାଚ ।

ଏମନ୍ତେ ଶୌନକଙ୍କ ବାଣୀ । ସୂତ କହିଲେ ତାହା ଶୁଣି
ଶୁଣହେ କହିବା ତୁମ୍ଭଙ୍କୁ । ଯେ ଭକ୍ତି ଯୁକ୍ତ କଥା ତାକୁ ॥

ଶୁକ ବିପ୍ରର କର ଗ୍ରନ୍ଥ । ମତେ ଯା କହିଛନ୍ତି ତତ୍ତ୍ୱ ।୬୦॥
ବିଶାଳପୁରେ ଏକ ଦିନେ । ସେପୁର ସନକାଦିମାନେ ୬୧
ନିର୍ମ୍ମଳ ସ୍ୱରୂପ କୁବନ୍ଧି । ସାଧୁ ସଙ୍ଗମ ଅର୍ଥେ ତହିଁ ॥୬୨॥
ପ୍ରବେଶ ହୁଅନ୍ତେ ନାରଦ । ଦେଖିଣ ଲଭିଲେ ଆନନ୍ଦ ॥

କୁମାରଉବାଚ ।

ସନକ ଆଦି ସେ କୁମାରେ । କହନ୍ତି ନାରଦ ଆଗରେ ॥
କହିବୁ ବିମୁଖି ହୋଇଣ । ରହିଛ ଚିନ୍ତାଭରେ ପୁଣ ୬୫
ଆସିଲ କେଉଁଠାରୁ ପୁଣି । ଚଳୁଛ କାହିଁ କହ ମୁନି ।୬୬।
ତୁମ୍ଭେ ଦରିଦ୍ର ଜନ ପରି । ରହିଛ ଚିତ୍ତ ଶୂନ୍ୟ କରି ୬୭
ବିମୁକ୍ତ ସଙ୍ଗ ଯେ ତୁମ୍ଭର । ଏ କଥା ନୁହଇ ପ୍ରଚୁର ୬୮
କହ ଆମ୍ଭଙ୍କୁ ଏ କାରଣ । ହେଉ ସନ୍ଦେହ ନିବାରଣ ୬୯

ନାରଦଉବାଚ ।

ଶୁଣି ନାରଦ କୁମାରଙ୍କୁ । କହିଲେ ଉତ୍ତମ ବାକ୍ୟକୁ ୭୦
ଅଟଇ ଉତ୍ତମ ଏ ଭୂଲୋକ । ଏମନ୍ତ କରି ମୁଁ ବିବେକ ୭୧
ଭୂମଣ୍ଡଳକୁ ଆସି ମୁହିଁ । ଦେଖିଲି ସର୍ବ ତୀର୍ଥ ତହିଁ ॥୭୨॥
ପୁଷ୍କର ପ୍ରୟାଗ କାଶୀରେ । ଆବର ଗୋଦାବରୀ ତୀରେ ॥
ସେତୁବନ୍ଧରେ ହରି କ୍ଷେତ୍ରେ । ଶ୍ରୀରଙ୍ଗ ତୀର୍ଥ କୁରୁକ୍ଷେତ୍ରେ
ଏ ଆଦି ତୀର୍ଥମାନଙ୍କରେ । ଭ୍ରମଣ କଲି ନିରନ୍ତରେ ॥
କେବଣଠାରେ ଅବା ମୁହିଁ । ହୃଦୟେ ସନ୍ତୋଷକୁ ବହି ॥
କିଛି ମୁଁ ନ ଦେଖିଲି ସୁଖ । ଏ ଦେହ ହୋଇଲି ବିମୁଖ ॥
ଅଧର୍ମ୍ମ ସହାୟ ଯେ କଳି । ଭୂମିକି ଦେଲାନ୍ତି ଏ ଗିଳି ॥
ଏ କଳିଯୁଗେ ଦେଲା ଦାନ । ତପସ୍ୟା ଶୁଦ୍ଧ ସତ୍ୟ ପୁଣ ॥
ଏ ଆଦି ଧର୍ମ ନାହିଁ କିଛି । କେବଳ ଏତେ ମାତ୍ର ଅଛି ॥
ନାନାପ୍ରକାରେ ମିଥ୍ୟା ଭାଷି । କୁଟୁମ୍ବ ଉଦରକୁ ପୋଷି ॥

ଏମନ୍ତ ତୁଚ୍ଛ ପ୍ରାଣିମାନ । ଅଛନ୍ତି ଧରଣ ଜୀବନ ॥ ୮୨ ॥
ଅତ୍ୟନ୍ତ ମୂର୍ଖ ମନ୍ଦ ମତି । ଯେ ପୁଣ ଅଳପ ସମ୍ପତ୍ତି ॥ ୮୩ ॥
ବିବିଧ ଉପଦ୍ରବ୍ୟ ବନ୍ତ । ପାଷାଣ ଅଂଶ ଯେ ଅଶକ୍ତ ୮୪
ଯେ ବଇରାଗ୍ୟକୁ ଆଚରେ । ସେ ସର୍ବ ପରିଗ୍ରହ କରେ ॥
ଗୃହରେ ଯୁବତି ପ୍ରଧାନ । ଶାଳକ ହଏ ବୁଦ୍ଧି ଧାନ ॥
କନ୍ୟା ବିକ୍ରୟେ ଲୋଭ ବଳି । ଗୃହସ୍ଥ ଖରିଜାରେ କଳି ॥
ଆଶ୍ରମ ତୀର୍ଥ ପୁଣ୍ୟ ନଦୀ । ଯବନେ ଦେଲେଣି ନିରୋଧି ॥
ଅନେକ ଦେବଙ୍କର ବାସ । କଲେଣି ଦୁଷ୍ଟଜନେ ନାଶ ॥
ଯେ ଯୋଗବନ୍ତ ସିଦ୍ଧ ଜ୍ଞାନୀ । ଉତ୍ତମ କ୍ରିୟା ଅଭିମାନୀ ॥
ଏ କଳି ଯୁଗ ଦାବାନଳେ । ଭସ୍ମ ହେଲେଣି ସର୍ବେ ଢାଳେ
ଅଟ୍ଟାଳି ସର୍ବ ଦେଶେ ଶୂନ୍ୟ । ବ୍ରାହ୍ମଣେ ମଙ୍ଗଳରେ ହୀନ ॥
ସତୀତ୍ୱ ହୀନ ହେଲେ ନାରୀ । କଳିରେ ଏରୂପେ ପ୍ରଚାରି
ଏମନ୍ତେ ମହୀକି ଭ୍ରମଣ । ଦେଖି ଏ କଳି ଦୋଷ ଗୁଣ ॥
ଶ୍ରୀରାଧାକୃଷ୍ଣ କେଳି ସ୍ଥାନେ । ହେଲି ଯମୁନା ତଟ ବନେ ॥
ଦେଖିଲି ଆଶ୍ଚର୍ଯ୍ୟ ତହିଁରେ । କହିବା ଶୁଣ ମୁନିବରେ ॥
ଅତ୍ୟନ୍ତ ଖେଦ ମନେ ବହି । ଏକ ତରୁଣୀ ପୁଣି ତହିଁ ॥
ବସିଛି ତାହାଙ୍କ ପାଶରେ । ଅଛନ୍ତି ବେନି ବୃଦ୍ଧ ନରେ ॥
ନିଶ୍ୱାସ ଅତି ଖରେ ଛାଡ଼ି । ଅଜ୍ଞାନେ ଅଛନ୍ତି ସେ ପଡ଼ି ॥
ସେ ବେନି ବୃଦ୍ଧ ଅଗ୍ରତରେ । ତରୁଣୀ ସେବେ ନିରନ୍ତରେ
କାନ୍ଦଣ ବହୁ ପ୍ରବୋଧଇ । ଦଶ ଦିଗରେ ନିରେଖଇ ॥
ଆପଣା ରକ୍ଷକ ଜନକୁ । ପୁନଃ ପୁନଃରେ ଚିନ୍ତି ତାକୁ ॥
ଶତ ସଂଖ୍ୟକ ନାରୀଗଣ । ତାହାଙ୍କୁ ବୋଧନ୍ତି ଦେଖିଣ ॥
ଦୂରରେ ଦେଖିଣ ମୁ ତାଙ୍କୁ । କୌତୁକେ ଗଲି ନିକଟକୁ
ମୋତେ ଦେଖିଣ ସେ ଅବଳା । ଉଠିଯେ ବିକଳେ କହିଲା

ବାଲୋବାଚ ।

ହେ ସାଧୁ କ୍ଷଣେ ମାତ୍ର ରହ । ମୋର ଏ ସନ୍ତାପକୁ ଦହ
ତୁମ୍ଭଙ୍କୁ ନେତ୍ରେ ଯେ ଦେଖନ୍ତି । ସକଳ ପାତକ ନାଶନ୍ତି ॥
ତୁମ୍ଭର ବଚନ ଅମୃତ । ଶୁଣି ମୋ ଦୁଃଖ ହେବ ହତ ॥
ଯେ ଜନ ଭାଗ୍ୟ କରିଥିବ । ତୁମ୍ଭଙ୍କୁ ନୟନେ ଦେଖିବ ॥

ନାରଦଉବାଚ ।

ଶୁଣି କହନ୍ତି ମୁନିବର । ବହୁଣ ବିସ୍ମୟ ମନର ॥ ୧୧୦ ॥
କେ ତୁମ୍ଭେ କେବା ବେନି ଏଥୁ । ପଦ୍ମଲୋଚନା ଗଣ କେତୁ
ହେ ଦେବୀ ତୋ ଦୁଃଖ କାରଣ । କହ ତୁ ବିସ୍ତାରି ଆପଣ

ବାଲୋବାଚ ।

ବାଳକ ହୋଇ ଏହା ଶୁଣି । ଭକତି ବୋଲି ତାକୁ ଭଣି
ସେହି ମୁ ଏ ବେନି ମୋ ପୋଏ । ଜ୍ଞାନ ବୈରାଗ୍ୟ ନାମବହେ
କାଳ ଯୋଗରୁ ଜରାଜ୍ୱର । ହୋଇଲା ଏହାଙ୍କ ଶରୀର ॥
ଏହୁ ଗଙ୍ଗାଦି ନଦୀମାନେ । ଅଛନ୍ତି ମୋହର ସେବନେ ॥
ତଥାପି ଦେବଙ୍କ ସେବାରେ । ମଙ୍ଗଳ ନୋହିଲା ମୋ ବାରେ
ହରଷ ଶବ୍ଦେ ତପୋଧନ । ଏବେ ମୋ ବାରତାକୁ ଘେନ
ବହୁତ ବାରତା ମୋ ଅଛି । ତା ଶୁଣି ଲଭ ସୁଖ କିଛି ॥
ଜନମି ଦ୍ରାବିଡ ଦେଶରେ । ବଢ଼ିଲି ମୁହି କର୍ଣ୍ଣାଟରେ ॥
କେବଣ କେବଣ ରାଜ୍ୟରେ । ଜୀର୍ଣ୍ଣ ମୁ ହୋଇଲି ଗୁର୍ଜ୍ଜରେ
ଏ ମହା ଘୋର କଳିକାଳେ । ପାଷାଣ୍ଡଗଣ ତହି ବଳେ ॥
ଖଣ୍ଡିଲେ ମୋହର ଅଙ୍ଗକୁ । ଏଣୁ ଲଭିଲି ଦୁର୍ବଳକୁ ॥
ଏ ବେନି ପୁତ୍ରଙ୍କୁ ସଙ୍ଗତେ । ଘେନି ଗମିଲି ଜାଣ ଚିତ୍ତେ ॥
ଆସି ପ୍ରବେଶ ବୃନ୍ଦାବନେ । ହୋଇଲି ତରୁଣି ସମାନେ ॥

ଏ ମନୋହର ରୂପ ପାଇ । ଏଥିରେ ଅଛଇ ମୁଁ ରହି ॥
ଏ ବେନି ପୁତ୍ରେ କ୍ଲେଶ ପାଇ । ଶ୍ରମରେ ରହିଛନ୍ତି ଶୋଇ
ଏ ସ୍ଥାନ ଗୁଡ ବିଦେଶକୁ । କରୁଛି ମୁହିଁ ଗମନକୁ ୧୬୭
ପୁତ୍ରଙ୍କ ବୃଦ୍ଧ ଭାବ ଦେଖି । ଏ ଦୁଃଖେ ହେଉଅଛି ଦୁଃଖୀ
କିହେତୁ ହୋଇଲି ତରୁଣୀ । ବୃଦ୍ଧ ହୋଇଲେ ପୁତ୍ର ବେନି
ଏ ଆମ୍ଭ ତନଙ୍କ ସହଜ । କି ବିପରିତ ହେଲା ହେଜ ॥
ଜନନୀ ହୁଅଇ ଜରଠି । ପୁତ୍ରେ ତରୁଣ ହୋଇଥାନ୍ତି ॥
ଏ ହିନା ସଂସାରେ ଘଟିତ । ଏଣୁ ବ୍ୟାକୁଳ ଶୋକ ଚିତ୍ତ ॥
ହେ ଯୋଗନିଧି ମୁନିବର । କହ ହେ କାରଣ ଏହାର ॥

ନାରଦଉବାଚ ।

ଶୁଣି ନାରଦ ମହାମୁନି । ବୋଲନ୍ତି ଶୁଣରେ କାମିନୀ ॥
ତୋର ସକଳ କର୍ମ ମୁହିଁ । ଆତ୍ମାରେ ଜ୍ଞାନରେ ଦେଖଇ ॥
ଏଥୁ ତୁ ବିଷାଦ ନକର । ହିତ କରିବେ ଶୁଭ ତୋର ॥

ସୂତଉବାଚ ।

ସୂତ ପୌରାଣିକ ସବଗେ । କହନ୍ତି ଶୌନକର ଆଗେ ॥
କ୍ଷଣକେ ଏହା ଜ୍ଞାନେ ଜାଣି । ନାରଦ କହିଲେ ଏ ବାଣୀ
ହେ ବାଳେ ସାବଧାନେ ଶୁଣ । ଏ କଳି ଅତିହି ଦାରୁଣ
ଏହେତୁ ତପ ସଦାଚାର । ଯୋଗମାର୍ଗାଦି ଯେ ଆବର ॥
ଲୋପ ହୋଇଲେ ଅଭ୍ୟନ୍ତରେ । ଜନ ଅସୁର ଧର୍ମ ଧରେ
ନାସ୍ତିକ ଦୁଷ୍ଟ କର୍ମ କରି । ରହିଲେ କଳଙ୍କ ଆବୋରି ॥
ଏ ଯୁଗେ ମନୁଜନେ କୃଶ । ଅସନ୍ତୁ ହୁଅଇ ହରଷ ୧୪୪
ଯେ ଏଥି ଧର୍ମ ଧରି ରହି । ତାକୁ ପଣ୍ଡିତ ବୋଲି କହି
ଏ ଭୂମି ପ୍ରତି ବରଷରେ । ଶେଷଦେବଙ୍କୁ ଭରକରେ ॥

ତୁଇଁ ସହିଁବା ଯୋଗ୍ୟ ନୋହି । ଏଥୁ ମଙ୍ଗଳ ଅଛି କାହିଁ
ଏ ଧେନ ପୁତ୍ରଙ୍କର ତୁଲେ । ଯୋଗେ କେ ନିଦ୍ରାକ୍ରାନ୍ତ ଭଲେ
ଅନୁରାଗରେ ଅନ୍ଧ ଜନେ । ଛୁଡିଲେ ତୁମ୍ଭଙ୍କୁ ବହନେ ॥
ତେଣୁ ଜର୍ଜ୍ଜର ଦେହ ବହି । ପୂର୍ବରେ ରହିଥିଲୁ ତୁହି ॥
ଲଭି ଶ୍ରୀବୃନ୍ଦାବନ ଧାମ । ହୋଇଲ ନବନାରୀ ସମ ॥ ୧୫୯
ତେଣୁ ଧନ୍ୟ ଏ ବୃନ୍ଦାବନ । ଯହିଁରେ ଭକ୍ତି ଶୋଭବନ ॥
ଯୋ ଦେବ ନନ୍ଦନକୁ କେହି । ଦେଖିବା ଲୋକ ଏଥି ନାହି
ଆପଣା ସୁଖେ ସେ ଶୟନେ । ଅଛନ୍ତି ନଭାଳ ଯୋ ମନେ

ଭକ୍ତିରୁବାଚ ।

ଭକ୍ତି କହନ୍ତି ମୁନିବର । ଶୁଣହେ ମୋହର ଏ ଗୀର ॥
ସେ ପରିକ୍ଷିତ ମହୀଶ୍ୱର । ଅଶୁଚ କଲି ଏହି ଘୋର ॥
କହେତୁ ଏହାକୁ ସ୍ଥାପିଲେ । ଶୁଣି ବିସ୍ମୟ ହୋଇ ଭଲେ
ଏ ମହା ଘୋର କଳି ଆସି । ରହନ୍ତେ ଭୂମିଙ୍କି ଗରସି ॥
ସକଳ ମହାତ୍ମ ସାର । ଏଥିରେ ହେଲା ଅଗୋଚର ॥
ଦୟାସାଗର ଭଗବାନ । କରୁଛେ ଅଧର୍ମସମାନ ॥ ୧୬୦ ॥
କଲେ ଏ ସଂଶୟକୁ ମୋର । ଛିନାଅ ବେଗେ ମୁନିବର ॥
ତୁମ୍ଭ ବଚନ ଅମୃତକୁ । ଶୁଣି ମୁ ପାଉଛୁ ସୁଖକୁ ॥

ନାରଦଉବାଚ ।

ଶୁଣିଣ କହନ୍ତି ନାରଦ । ହୃଦୟେ ଧର ସେ ଆନନ୍ଦ ॥
ଯଦି ପୁଛିଲ ମୁନିବର । ସ୍ନେହରେ ଏ ଶ୍ରବଣ କର ॥
ସକଳ କହିବ ତୁମ୍ଭଙ୍କୁ । ଶୁଣି ନାଶିବ ବିଷାଦକୁ ॥
ଯେବଣ କାଳେ ଭଗବାନ । ଭୂମିକି ତେଜିଲେ ବହନ ॥
ସେଦିନଠାରୁ କଳି ଆସି । ସବୁ ସାଧନ ଦେଲା ଗ୍ରାସି ॥

ସେ ମହାରାଜ ପରୀକ୍ଷିତ । ବିଗ ବାଣଯୁବରେ ସାକ୍ଷାତ ॥
ଏ କଳିଯୁଗକୁ ଦେଖିଲେ । ସେ କଳି ଶରଣ ପଶିଲେ ॥
ସେ ରାଜା ଭୃଙ୍ଗ ପରସାର । ଭୁଞ୍ଜାଇ ଏ ପୋନ ତାହାର ॥
କରିବା ନାହିଁ ପ୍ରାଣ କ୍ଷୟ । ଏମନ୍ତେ କଲେ ସେ ନିଶ୍ଚୟ ॥
ତପସ୍ୟା ସମାଧି ଯୋଗରେ । ଯେ ଫଳ ମିଳେ ଏ ସଂସାରେ
ଉତ୍ତମ ହରି କୀର୍ତ୍ତନରେ । ଲଭନ୍ତି ସେ ଫଳକୁ ନରେ ॥
ନିରସ କଳିର ଆଗ୍ରହ । ଦେଖି ପରୀକ୍ଷ ଦଣ୍ଡଧର ॥ ୧୭୪
କଳିଯୁଗରେ ଜନ୍ମି ଜନେ । ଶୁକଦେବ ଏ ଭଲି ମନେ ॥
ସ୍ଥାପିଲେ ଅତି ଦୟାକର । ନାରଦ କହିଲେ ବିସ୍ତାର ॥
ଏବେ କୁତ୍ସିତ ଆଚରଣ । ହେତୁରୁ ସାର ଦ୍ରବ୍ୟ ଗଣ ॥
ଭୂମିରୁ ସର୍ବ ହେଲେ ନାଶ । ଆବର ପଦାର୍ଥ ବିଶେଷ ॥
ବୀଜ ବିହୀନ ତୁଷ ଯଥା । ହୋଇ ରହିଲେ ସର୍ବେ ତଥା ॥
ଅଳପ ପଦାର୍ଥ ଲୋଭରେ । ବ୍ରାହ୍ମଣମାନେ ପ୍ରତି ଘରେ ॥
ପ୍ରତି ଜନରେ ଭାଗବତ । କହିଲେ ହୋଇ ହରଷିତ ॥
ଏ ପୋନଗଲା କଥାସାର । ଲୋକେ ତା କଲେ ଅନାଦର
ଅତି ନାସ୍ତିକ ଉଗ୍ରକର୍ମୀ । ନାରକୀ ଜନେ ତୀର୍ଥ ସୀମା ॥
ଯହିଁ ରହିଲେ ବଳେ ମାଡି । ତୀର୍ଥରୁ ସାର ଗଲା ଛାଡି ॥
କାମ କ୍ରୋଧାଦି ଲୋଭ ମୋହ । ତୃଷ୍ଣାରେ ବ୍ୟାକୁଳିତ ଦେହ
ଏମାନେ ତପ କରିବାରୁ । ତପ ସାର ଗଲା ସଂସାରୁ ॥
ହୃଦୟ ଜୟ ନୋହିବାରୁ । ଲୋଭରେ ପାଷାଣ୍ଡ ସଙ୍ଗରୁ ॥
ଶାସ୍ତ୍ର ଅଭ୍ୟାସ ନୋହିବାରେ । ଅତି ଦାମ୍ଭିକ ହୋଇ ନରେ
ଜଗତ ଧ୍ୟାନ ଯୋଗ ଫଳ । ଯିବାରୁ ହୋଇଲା ବିଫଳ ॥
ପଣ୍ଡିତେ ମହିଷିର ପର । କଳତ୍ର ତୁଲରେ ବିହର ॥ ୧୯୦
ପୁତ୍ର ଜନ୍ମରେ ହେଲେ ରତ । ଏଣୁ ମୁକତି ଧାବର୍ଜିତ ॥
ସଂଯମ୍ୟାୟୁ ସହିତ ହୋଇ । ବୈଷ୍ଣବ ଏଥି କେହି ନାହିଁ ॥

ଏମନ୍ତ ହୋଇ ସର୍ବଠାରେ । ପଦାର୍ଥ ସାର ଗଲା ଦୂରେ ॥
ଏ କଳିଯୁଗ ଧର୍ମ ଯେହୁ । କାହାର ଏଥି ଦୋଷ ନାହୁ ॥
ଏ ଘେନି ପ୍ରଭୁ ଭଗବାନ । ସହୁ ରହିଲେ ସନ୍ନିଧାନ ୧୯୬

ସୂତଉବାଚ ।

ସୂତ କହନ୍ତି ଶୁଣ ମନେ । ଶୌନକ ମୁନି ସନ୍ନିଧାନେ ॥
ଏମନ୍ତ ନାରଦଙ୍କ ବାଣୀ । ଆଶ୍ଚର୍ଯ୍ୟ ହେଲା ଭକ୍ତି ଶୁଣି ॥
ପୁଣି ସେ କହନ୍ତି ଭକତି । ଧନ୍ୟ ନାରଦ ମହାଯତି ॥
ମୋହର ସୁଭାଗ୍ୟ ବଶରେ । ତୁମ୍ଭେ ମିଳିଲ ମୋ ପାଶରେ
ସାଧୁମାନଙ୍କ ଦରଶନ । ସଂସାରେ ସକଳ ସାଧନ ॥୨୦୦॥
ଆନନ୍ଦ ମୋହର ଯେମନ୍ତେ । ହୋଇବ ତୁମ୍ଭେ ସେହି ମତେ
କହ ଆପଣ ଏ ଉପାୟ । କେ ତୁମ୍ଭ ବିନୁ ମୋ ସହାୟ ॥
ହେ ମୁନି ତୁମ୍ଭେ ଯୋଗେଶ୍ୱର । କି କଥା ଅସାଧ୍ୟ ତୁମ୍ଭର ॥
କେବଳ ତୁମ୍ଭର ବଚନ । ପ୍ରହ୍ଲାଦ କଲ ଆକଳନ ୨୦୪
ଜଗତ ମାୟାକୁ ଜିଣିଲେ । ଶ୍ରୀହରି କରୁଣା ଅର୍ଜିଲେ ॥
ଯାହାଙ୍କ କରୁଣା ମାତ୍ରକେ । ଧ୍ରୁବ ରହିଲେ ଧ୍ରୁବ ଲୋକେ
ଏ ଘେନି ସର୍ବ ଲୋକଙ୍କର । ସକଳ ମଙ୍ଗଳ ଆକର ॥
ପୁଣି ଯେ ବ୍ରହ୍ମାଙ୍କ କୁମର । ତୁମ୍ଭଙ୍କୁ ମୋର ନମସ୍କାର ॥
ସେ ମୁନିଜନଙ୍କର ପାଦେ । ଜନେ ଶରଣ ପଶ ମୋଦେ ॥
ଭବବନ୍ଧନୁ ପାର ହେବ । ଭଣିଲେ ପଦ୍ମନାଭ ଦେବ ॥

ଇତି ଶ୍ରୀ ପଦ୍ମପୁରାଣେ ଉତ୍ତରଖଣ୍ଡେ ଶ୍ରୀଭାଗବତ ମହାତ୍ମ୍ୟେ ଭକ୍ତି ନାରଦ ସମ୍ବାଦେ ନାମ ପ୍ରଥମୋଽଧ୍ୟାୟଃ ॥

ଦ୍ୱିତୀୟ ଅଧ୍ୟାୟ ॥

ନାରଦଉବାଚ ॥

ଶୁଣି ନାରଦ ମୁନିବର । କହନ୍ତି ଭକତି ଆଗର ॥ ୧ ॥
କିଅର୍ଥେ ମନେ ଖେଦ ଧର । କହେତୁ ଚିନ୍ତାରେ ଆତୁର
ଶ୍ରୀକୃଷ୍ଣ ଚରଣ ପଙ୍କଜ । ସୁମର ସବୁ ଦୁଃଖ ତେଜ ॥ ୩ ॥
ଯେ କୁରୁଙ୍କର ସଭାତଳେ । ଦ୍ରୁପଦ ସୁତାଙ୍କୁ ରଖିଲେ ॥
ପାଳିଲେ ଗୋପ ପୁର ନାରୀ । ଆବର ଅଛନ୍ତି ସେ ହରି ॥
ହେ ଭକ୍ତି କୃଷ୍ଣ ପ୍ରୀତି କର । ପ୍ରାଣରୁ ଅଧିକ ଆଦର ॥
ଜ୍ଞାତଙ୍କ ଗୃହେ ତୁମ୍ଭେ ଥାଇ । ଡାକିଲେ ଯାନ୍ତି ହରି ତହିଁ
ସତ୍ୟାଦି ଏ ତିନି ଯୁଗରେ । ଜ୍ଞାନ ବୈରାଗ୍ୟ ମୁକ୍ତି କରେ ॥
କେବଳ ଭକ୍ତି ଏ କଳିରେ । ବ୍ରହ୍ମ ସାଯୁଜ୍ୟ ମୁକ୍ତି କରେ
ଶ୍ରୀହରି କର ଏ ନିଶ୍ଚୟ । ମଙ୍ଗଳ ସ୍ୱରୂପ ଚିନ୍ମୟ ॥ ୧୦ ॥
ପରମ ଆନନ୍ଦ ମୂରତି । ସୁନ୍ଦର କର କୃଷ୍ଣ ପ୍ରୀତି ॥ ୧୧ ॥
ଏମନ୍ତ କରଣ ତୁମ୍ଭଙ୍କୁ । ହର୍ଷିଲେ ବହୁ ସନ୍ତୋଷକୁ ॥
କର ଯୋଡ଼ଣ ଏକ ମନେ । ପୁଚ୍ଛିଲେ ହରି ସନ୍ନିଧାନେ
ସେ କାଳେ ପ୍ରଭୁ ଭଗବାନ । ଆଜ୍ଞାକୁ ବହିଲେ ବଦନ ॥
ମୋହର ଯେଉଁ ଭକ୍ତମାନେ । ତାହାଙ୍କୁ ପୋଷ ତୋଷମନେ
ଏ କଥା କଲେ ଅଙ୍ଗୀକାର । ପ୍ରସନ୍ନ ହୋଇ ଚନ୍ଦଧର ॥
ମୁକ୍ତିଙ୍କି ଦାସୀ କରଦେଲେ । ଜ୍ଞାନ ବୈରାଗ୍ୟ ବେନି ତୁଲେ
ସ୍ୱରୂପେ ବୈକୁଣ୍ଠରେ ରହି । ଭକ୍ତଙ୍କୁ ପୋଷୁଅଛ ତହିଁ ॥
ଭୂମିରେ ଛାୟା ରୂପ ଧରି । ଭକ୍ତଙ୍କ ଶୋକ ନାଶ କରି ॥
ଜ୍ଞାନ ବୈରାଗ୍ୟ ମୁକ୍ତି ସଙ୍ଗେ । ଯେବେ ମିଳିଲେ ମତେ ରଙ୍ଗେ
ସତ୍ୟ ଦ୍ୱାପର ପରଯନ୍ତେ । ଏଥି ରହିଲେ ମୋଦ ଚିତ୍ତେ
ପାଷାଣ୍ଡ ଜନଙ୍କ ପୀଡ଼ାରେ । ନସେ ମୁକ୍ତି ଏ କଳିଯୁଗରେ ॥

କ୍ଷୀଣ ହୁଅନ୍ତେ ଶୀଘ୍ରେ ତାଙ୍କୁ । ପେସିଲେ ବୈକୁଣ୍ଠ ପୁରକୁ
ଏଥି ତୁମ୍ଭର ସୁତ ବସେ । ସେ ମୁକ୍ତି ପୁଣି ଯାଇ ଅସେ ॥
ଜ୍ଞାନ ବୈରାଗ ପୁତ୍ର କର । ପାଶରେ ରଖିଛ ତୁମ୍ଭର ॥
କଳିରେ ମନ୍ଦ ଜନ ମାନେ । ଉପେକ୍ଷା କରନ୍ତେ ବହନେ
ଜ୍ଞାନ ବୈରାଗ୍ୟ ପୁନ୍ଦ ବେନ । ରହିଲେ ବୃଦ୍ଧ ଦେହ ଘେନ
ତଥାପି ଚିନ୍ତା ଛାଡ଼ି ତୁମ୍ଭେ । ଉପାୟ କରୁଅଛୁ ଆମ୍ଭେ ॥
ଏ କଳିଯୁଗ ସମ ନାହିଁ । ଶୁଣ ଶରଦ ଚନ୍ଦ୍ର ମୁହିଁ ॥ ୨୧ ॥
ସ୍ଥାପନା କରିବା ତହିଁରେ । ପ୍ରତି ଜନରେ ପ୍ରତି ଘରେ ॥
ଅନ୍ୟ ଧର୍ମକୁ ତିରସ୍କାର । ମହା ଉତ୍ସବ ପୁରସ୍କାର ॥ ୩୧ ॥
କରଣ ଯେବେ ମଞ୍ଚ ନରେ । ବର୍ଣ୍ଣିବେ ନାହି ତୋ ସେବାରେ
ତେବେ ଜାଣିବ ଚଉ ମୁହ । ଶ୍ରୀହରି ସେବକ ନୁହଇ
ତୁମ୍ଭଙ୍କୁ ଘେନ ଯେବେ ନରେ । ଜଗତେ ଅତ୍ୟନ୍ତ ଶ୍ରଦ୍ଧାରେ
ପାପି ହେଲେହେ ଭସ୍ମ ତେଜ । ରହନ୍ତି ବୈକୁଣ୍ଠରେ ମଜି
ଯେବଣ ଜନଙ୍କ ମାନସେ । ପ୍ରେମ ରୂପରେ ଭକ୍ତି ବସେ ॥
ସେହୁ ଅମଳ ମୂର୍ତ୍ତି ଧରେ । ଯମ ନ ଦେଖନ୍ତି ସ୍ୱପ୍ନରେ ॥
ପ୍ରେତ ପିଶାଚ ଦୈତ୍ୟ ଗଣ । ଆବର ରାକ୍ଷସ ଯେ ପୁଣ ॥
ଯେ ଜନ ଭକ୍ତି ସଂପାଦନ୍ତି । ତାହାଙ୍କୁ ଛୁଇଁ ନ ପାରନ୍ତି ॥
ତପସ୍ୟା ବେଦ ଜ୍ଞାନ ମାନ । ଏହିମାନଙ୍କେ ଭଗବାନ ॥
ସାଧ୍ୟ ନୁହନ୍ତି କଦାଚିତ । କେବଳ ଭକ୍ତି ସାଧ୍ୟ ସତ୍ୟ ॥ ୪୧
ଏଥିକି ଗୋପ ନାରୀମାନେ । ସାକ୍ଷି ଅଛନ୍ତି ଘେନ ମନେ ॥
ମାନବ ସହସ୍ର ଜନ୍ମରେ । ପ୍ରୀତି ଜନ୍ମଇ ଭଗତରେ ॥ ୪୩
କଳିରେ ଭକ୍ତି ଟି ପ୍ରମାଣ । ଭକ୍ତିରେ କୃଷ୍ଣ ଅଗ୍ରେ ଜାଣ ॥
ଏ ତିନି ଭୁବନେ ଜେ ଭକ୍ତି । ବିଷମ୍ଭେ ଦ୍ରୋହ ଆଚରନ୍ତି
ସେମାନେ ହୋନ୍ତି ଅତି ଶୀର୍ଣ୍ଣ । ନରକେ ପଡନ୍ତି ବହନ ॥
ସ୍ୱପ୍ନରେ ଭକ୍ତି ନିନ୍ଦାକର । ଦୁର୍ବାସା ହେଲେ ଦୁଃଖ ଧାର

କ କାର୍ଯ୍ୟ ବ୍ରତ ତୀର୍ଥ ଯୋଗେ । ଜ୍ଞାନାଦ ନାନା ମତ ଯୋଗେ
କେବଳ ସଂସାରେ ଏ ଭକ୍ତି । କହୁଛେ ଦଅନ୍ତ ସେ ମୁକ୍ତି ।
ଏମନ୍ତ ନାରଦ ମୁଖରୁ । ନଜ ନର୍ଣ୍ଣୟ ଶୁଣିବାରୁ ॥ ୫୦ ॥
ସର୍ବାଙ୍ଗ ପୁଷ୍ଟ ହୋଇ ଭକ୍ତି । ନାରଦ ମୁନଙ୍କି ପୁଛନ୍ତି ।

ଭକ୍ତିରୁବାଚ ।

ହେ ମୁନ ଧନ୍ୟ ମୋହଠାରେ । ପ୍ରୀତ ବହଲେ ନରନ୍ତରେ
କେବେ ତୁମ୍ଭଙ୍କୁ ନ ଛାଡବ । ଚଉରେ ସବୁଦନେ ଥବ ।
ତୁମ୍ଭେ ଅନେକ କୃପାକଲ । ମୋ ବାଧା କ୍ଷଣକେ ନାଶିଲ ।
ଚେତନା ନାହି ପୁତ୍ରଙ୍କର । ଏହାଙ୍କୁ ପ୍ରବୋଧନା କର ।

ସୂତଉବାଚ ।

ସୂତ କହନ୍ତ ଶୌନକଙ୍କୁ । ଶୁଣ କହବା ବଧାନକୁ ।୫୬।
ନାରଦ ଭକ୍ତି ବଚନକୁ । ଶୁଣି ବହଣ କରୁଣାକୁ ।୫୭।
କରାଗ୍ରେ କର କର୍ମନକୁ । କଲେ ସେ ପୁତ୍ରଙ୍କ ବୋଧକୁ ।
ଜ୍ଞାନ ବୈରାଗ୍ୟ ବୋଧ ପାଅ । କ ହେତୁ ତୁମ୍ଭେ ଶୋଇଥାଅ
କର୍ଣ୍ଣ ରନ୍ଧ୍ରରେ ମୁଖ ଭର । ଏରୂପେ ଉଚ୍ଚ ନାଦ କର ।
ବେଦ ବେଦାନ୍ତ ଶାସ୍ତ୍ର ସ୍ୱରେ । ଆବର ଗୀତା ପଠନରେ ।
ନାରଦ ବଳରେ ଅତ୍ୟନ୍ତେ । ସେ ବେନ୍ଧ ପ୍ରବୋଧ କରନ୍ତେ
କଷ୍ଟ କଷ୍ଟରେ ସେହୁ ବେନ । ଉଠିଲେ ଅଳସକୁ ଘେନ
ନେତ୍ରରେ କଛୁ ନ ଦେଖନ୍ତ । ଅଳସେ ହାଇକ ମାରନ୍ତ ।
ବକ ପରାୟେ ଶୁକ୍ଳ ମାତ୍ର । ସୁଖିଲ୍ଲ କାଷ୍ଠ ସମ ଗାତ୍ର ।୬୫।
କ୍ଷୁଧାଟରେ କ୍ଷୀଣ ଦେହ ବହ । କହୁଛେ ନେତ୍ରରେ ଅନାଇ
ଘୁମାଇ ପୁଣି ସେ ସୋଇଲେ । ଋଷି ତା ଦେଖି ଚନ୍ତାକଲେ
କ ବଧାନ କରିବା ବୋଲି । ଋଷି ରହଲେ ମନେ ଭାଳ ।
ଏ ବୃଦ୍ଧ କାଳରେ ଏ ବେନ । ଆଶ୍ଚର୍ଯ୍ୟ ଶୋଏ ନଦ୍ରାଘେନ

ଏ ହେତୁ ଚୈତନ୍ତ କେଶବ । ଚେତାଇ ଦେଲେ ସେ ସ୍ୱର୍ଗବ
ହେ ମୁନି ଖେଦକୁ ନକର । ସଫଳ ଉଦ୍ଦମ ତୁମ୍ଭର ॥
ହେବ ଏରୂପେ ଆକାଶରେ । ବାଣୀ ସୁଭିଲା ସେ କାଳରେ
ଏଥି ନିମନ୍ତେ ମୁନିବର । ଉତ୍ତମ କର୍ମକୁ ଆଚର ॥ ୭୩ ॥
ଅତ୍ୟନ୍ତ ସାଧୁଜନମାନେ । ତୁମ୍ଭର ଏ କର୍ମ ବହନେ ୭୪
କହି କରବେ ଉପକାର । ଜଗତେ ସାଧୁଜନେ ସାର ॥
ଉତ୍ତମ କର୍ମ ଆଚରଣେ । ନିଦ୍ରା ବୃଦ୍ଧତା ତତକ୍ଷଣେ ॥୭୬॥
ଏ ଦୁହଙ୍କର ନାଶଯିବ । ଭକ୍ତି ଅତ୍ୟନ୍ତେ ପ୍ରସରବ ॥୭୭॥
ଆକାଶ ବାଣିକ ଏରୂପେ । ସର୍ବେ ଶୁଣିଲେ ସ୍ପଷ୍ଟରୂପେ ॥
ଏ କଥା ଜଣାନାହି ବୋଲି । ନାରଦେ ବସୁମ୍ଭରେ ଭଲି ॥

ନାରଦଉବାଚ ।

ଏହୁ ଆକାଶ ବାଣି ଯାହା । କହିଲେ ଗୋପ୍ୟ କର ତାହା
କରିବା କ ସାଧନ ତାର । କିଛିତ ନୋହିଲା ଗୋଚର ॥
ଯେବଣ ସତ କର୍ମ ବଳେ । ଏ ବେନି କାର୍ଯ୍ୟ ହେବ ଭଲେ
ଯେ ସନ୍ଥଜନ କେଉଁଠାରେ । ସାଧନ ଦେବେ କିରୂପରେ
ଆକାଶ ବାଣି କହେ ଯାହା । କିରୂପେ କରିବି ମୁ ତାହା ॥

ସୂତଉବାଚ ।

ସୂତ କହନ୍ତି ଶୌନକଙ୍କୁ । ଶୁଣ ମୋ କହିବା ବାକ୍ୟକୁ ॥
ଏରୂପେ ସେ ମୁନି ବସୁରି । ସେଠାରେ ତାଙ୍କୁ ରଖି କରି
ସେଠାରୁ ପ୍ରୟାଗକୁ ଗଲେ । ସକଳ ତୀର୍ଥରେ ଭ୍ରମିଲେ ॥
ମାର୍ଗରେ ତୀର୍ଥମାନଙ୍କରେ । ପୃଚ୍ଛିଲେ ଦେଖି ମୁନିବରେ ॥
ସମସ୍ତେ ଶୁଣିଲେ ବୃତ୍ତାନ୍ତ । ନକହି କରତ ନିଶ୍ଚିନ୍ତ ॥୮୯॥
ଏମନ୍ତେ ସେ ମୁନି ଶୁଣିଲେ । କହିବା ଯାହା ଆଚରିଲେ ॥
ଅସାଧ୍ୟ ବୋଲି କେ କହିଲେ । ଅଜଣା ବୋଲି କେ ବୋଇଲେ
ମୁକ୍ତ ହୋଇଣ କେହି ରହେ । କେ ପୁଣି ଦୂରକୁ ପଳାଏ

ତପସ୍ୟ ବହି ହାହାକାର । ଧ୍ୱନି ବ୍ରହ୍ମାଣ୍ଡେ ପରସ୍ପର ॥୯୩॥
ବେଦ ବେଦାନ୍ତ ଗୀତା ଶାସ୍ତ୍ର । ପଢ଼ି ବୋଧନ୍ତେ ଅତମାତ୍ର
ଏ ଜ୍ଞାନ ବୈରାଗ୍ୟ ଭକତ । ଶୁଣି ନ ଉଠିଲେ ଦ୍ୱୈତ ॥
ଆନ ଉପାସ୍ୟ ଏଥେ ନାହି । ଏରୂପେ କଣ୍ଠେ କୁହାକୁହି ॥
ହୋଇଣ ମୁନିଜନଙ୍କର । ସେଠାରେ ହେଲା ବ୍ୟବହାର ॥
ଦେବତା ରୁଷିଗଣେ ତହି । କହିଲେ ମନେ ହେତୁ ବହି
ଜଉଁ ନାରଦ ଯୋଗ ଜ୍ଞାନ । ସେ ଯାହା ନପାରିଲେ ଜାଣି
ଇତର ଜନ ସେ କଥାରେ । କରିବ ବୋଲି କେବା ପାରେ
ଏହି ରୂପରେ ମୁନିଜନ- । ମାନଙ୍କୁ ପୁଚ୍ଛନ୍ତେ ବହନ ୧୦୧
ନିର୍ଣ୍ଣୟ କରି ନ କହିଲେ । ଅତ୍ୟନ୍ତ ଅସାଧ୍ୟ ବୋଇଲେ ॥
ଏ ହେତୁ ଚିନ୍ତାରେ ଆତୁର । ହୋଇଣ ସେହୁ ମୁନିବର ॥
ତପସ୍ୟା ଆଚରବ ମୁହି । ଏମନ୍ତ ନିଶ୍ଚୟକୁ ବହି ॥୧୦୪॥
ବଦରୀ ବନରେ ପ୍ରବେଶ । ହୋଇଲେ ବ୍ରହ୍ମାଙ୍କର ଶିଷ୍ୟ ॥
ଏହି ସମୟେ କୋଟି ସୂର୍ଯ୍ୟ । ସମାନ ଯାହାଙ୍କର ତେଜ ॥
ଏ ସନକାଦି ମୁନିବର- । ମାନଙ୍କୁ ଦେଖି ଅଗ୍ରତର ୧୦୭
ବିନୟ ବଚନେ ନାରଦ । କହିଲେ ହୋଇଣ ଆନନ୍ଦ ॥

ନାରଦଉବାଚ ।

ହେ ମୁନିବରେ ଭାଗ୍ୟବଶେ । ମିଳିଲି ଆଜ ତୁମ୍ଭ ପାଶେ ॥
କଥା ଏ ପଚାରୁଛି ମୁହି । ସତ୍ୱରେ କହ ଦୟାବହି ୧୧୦
ହେ ମୁନିବରେ ବୁଦ୍ଧି ଶାସ୍ତ୍ର । ଯୋଗ ଜ୍ଞାନରେ ଯେ ପବିତ୍ର
ଯେ ପଞ୍ଚ ବରଷ ବୟସେ । ସର୍ବଦା ଥାଇ ପରବାସେ ॥
ସକଳ ପୂର୍ବ ପିତାମହ । ସଦା ବୈକୁଣ୍ଠ ଯାଙ୍କ ଗୃହ ॥
ଶ୍ରୀହରି କୀର୍ତ୍ତନରେ ସ୍ୱଚ୍ଛ । ଲୀଳା ଅମୃତରେ ସେ ମତ୍ତ ॥
କେବଳ ଭଗବାନ କଥା । ମାତ୍ରରୁ ନଜାଣେ ଅନ୍ୟଥା ॥

ଶ୍ରୀହରି ଶରଣ ଏ ଶରୀର । ନିତ୍ୟରେ ମୁଖେ ପରସ୍ପର ॥
ଏ ଘୋର କାଳବଶୁଁ ଆସି । ଜଗ ତୁମ୍ଭଙ୍କୁ ନ ଗରସି ॥
ଯାହାଙ୍କ ଭ୍ରୂଭଙ୍ଗ ମାତ୍ରରେ । ବୈକୁଣ୍ଠ ଦ୍ୱାରର ପୂର୍ବରେ ॥
ଶ୍ରୀହରି ସେବକ ଦ୍ୱାରପାଳେ । ପଡ଼ିଲେ ଆସି ଭୂମିତଳେ ॥
ପୁଣି ଯାହାଙ୍କ କୃପାବଶେ । ସେ ସେବକ ବୈକୁଣ୍ଠେ ପ୍ରକାଶେ
ଏମନ୍ତ ତୁମ୍ଭମାନଙ୍କର । ଦର୍ଶନ ଭାଗ୍ୟରୁ ଆମ୍ଭର ॥ ୧୬୧ ॥
ମିଳିଲ ଯେଣୁ ଧନ ମୁହିଁ । ପ୍ରସନ୍ନ ହୁଅ ଦୟା ବହି ॥
କହିଲ ଦେବ ବାଣୀ ଯାହା । ତା ଭକ୍ତି ସାଧନେ ଯେ ତାହା
କହ ଦୟାରେ କରୂପରେ । ତାର ଅନୁଷ୍ଠାନ ସଂସାରେ ॥
କରନ୍ତୁ ଏ କଥା ବିସ୍ତାର । ବିଶେଷେ କହ ମୁନିବର ॥
ଜ୍ଞାନ ବୈରାଗ୍ୟ ଭକ୍ତିଙ୍କର । କି ରୂପେ ସୁଖ ହୋଇବାର ॥
ପୁଣିହିଁ ସବୁ ବର୍ଣ୍ଣଙ୍କରେ । ଏ ତିନ ରହିବେ ପ୍ରେମରେ ॥
ଏ କଥା ଅତି ଯତ୍ନେ କହ । ସଂଶୟ ନାଶି ଦୟା ବହ ॥

ସନତ୍କୁମାରଉବାଚ ।

ସେ ସନତ୍କୁମାର ଭଣିଲେ । ଶୁଣି ନାରଦ ଏହା ଭଲେ ॥
ଯୋଗ ଉଦୟ ପ୍ରଭାକର । ଏ କୃଷ୍ଣ ଭକ୍ତ ଜନେ ବର ॥
ହେ ଦେବ ଋଷି ଚନ୍ଦ୍ରା ତେଜ । ହରଷ କେତେ କହି ଆଜ
ପୂର୍ବରୁ ସୁସାଧ୍ୟ ଉପାୟ । ବର୍ତ୍ତିଛି ଏଥି ଏ ନିଶ୍ଚୟ ।୧୩୬॥
ବିରକ୍ତ ଶିରୋମଣି ତୁମ୍ଭେ । ଜାଣୁଛୁ ହେ ନାରଦ ଆମ୍ଭେ ॥
ହେ ମୁନି ଭକ୍ତିର ନିମନ୍ତେ । ବର୍ତ୍ତିଛ ଅତି ହୃଷ୍ଟ ଚିତ୍ତେ ॥
ଏ ତୁମ୍ଭଠାରେ ଆଶ୍ଚର୍ଯ୍ୟକୁ । ଆଣିମା ନାହି ହୃଦୟକୁ ॥
ଯେ କୃଷ୍ଣ ଭକ୍ତ ସେହୁ ଭକ୍ତି । ଥାପଇ ସର୍ବଦା ଏ କ୍ଷିତି ॥
ବହୁତ ପନ୍ଥା ଋଷି ଜନେ । ପ୍ରକଟ କଲେ ଏ ଭୁବନେ ॥
ସେ ପନ୍ଥା ଦୁଃଖରେ ସାଧିଲେ । କଷ୍ଟେ ସ୍ୱର୍ଗ ଫଳ ମିଳେ

ଯେ ପନ୍ଥା ବୈକୁଣ୍ଠ ସାଧନ । ଯେ ଗୁପ୍ତ ହୋଇଅଛୁ ଜାଣ
ସେ ପନ୍ଥା ଉପଦେଶ କାରି । ପୁରୁଷ ମିଳେ ଭାଗ୍ୟକରି ॥
ଆକାଶ ବାଣୀ ଯା କହିଲା । ସେ ସତକର୍ମ ଏଥି ଭଲା ୧୪୧
ପ୍ରସନ୍ନ ବୁଦ୍ଧି ସ୍ଥିର ମନ । ହୋଇଣ ଶୁଣ ଏ ବଚନ ୧୪୨
ତପସ୍ୟା ଯଜ୍ଞ ଦ୍ରବ୍ୟ ଯଜ୍ଞ । ଅଛଇ ଆନ ଯୋଗ ଯଜ୍ଞ ॥
ବିଷମ ଜ୍ଞାନ ଯଜ୍ଞ ପୁଣି । କର୍ମ ସୂଚକ ବୋଲି ଭଣି ॥
ଜାଣିଥିବ ସତ୍କର୍ମ ସୂଚକ । ଏ ଜ୍ଞାନ ଯଜ୍ଞ ଏ ବିବେକ ॥
ପଣ୍ଡିତ ଜନରେ କଥିତ । କହିବା ଏ କର୍ମ ବୃତ୍ତାନ୍ତ ୧୪୩
ଏ ସତକର୍ମ ଭାଗବତ । ଶୁକାଦି ମୁନି ଗଣେ ଖ୍ୟାତ ॥୧୪୪
ଯାହାର ଶ୍ରବଣରୁ ଯାହାର । ବୈରାଗ୍ୟ ଜ୍ଞାନ ଭକ୍ତିଙ୍କର ॥
ଶରୀରେ ବଳ ପ୍ରବର୍ତ୍ତିବ । ଜ୍ଞାନ ବୈରାଗ୍ୟ ଭକ୍ତି ଯିବ ୧୪୫
ଭକ୍ତି ତ ମହା ସୁଖପାଇ । ରହିବ ଏଥି ଥିର ହୋଇ ॥
ଶ୍ରୀଭାଗବତଙ୍କ ଶବଦରେ । ଯେ କଲି ଦୋଷେ ଏସଂସାରେ ॥
ନାଶ ହୋଇବେ ଅତିଶୟେ । ସିଂହ ଶବଦରେ ବୃକ ପ୍ରାୟେ
ଜ୍ଞାନ ବୈରାଗ୍ୟରେ ସହିତ । ଅତ୍ୟନ୍ତ ପ୍ରେମ ରସେ ଯୁକ୍ତ ॥
ଏମନ୍ତ ଭକ୍ତି ପ୍ରତିଘରେ । ପ୍ରବଳ ହେବ ଏ ଲୋକରେ ॥
କ୍ରୀଡ଼ା କରିବେ ଅତିଶୟେ । ଯେ ମୁନି ଜନର ସଂଶୟେ ॥

ନାରଦଉବାଚ ।

ଏମନ୍ତ ଶୁଣି ସେ ନାରଦ । କହନ୍ତି ମନେ ବହି ମୋଦ ॥
ଯେ ବେଦ ବେଦାନ୍ତ ବାଦରେ । ଆବର ଗୀତା ପଠନରେ
ବୋଧିଲେ ହେଲେ ଭକ୍ତି ଜ୍ଞାନ । ବୈରାଗ୍ୟ ଏ ତିନି ବହନ
ଉଠିଲେ ନାହିଁ ଭାଗବତ । ଶୁଣିଲେ ଉଠିବେ କେମନ୍ତ ॥
ବେଦ ବେଦାନ୍ତ ଗୀତା ବାଦ । ପ୍ରତି ଶ୍ଳୋକରେ ପ୍ରତି ପଦ
ବେଦ ଅର୍ଥରେ ସେ ପୂରିତ । ଏ ଫଳ ନ ଦେଲେ କିଞ୍ଚିତ

ଯାହା ଦର୍ଶନ ଫଳ ପାଇ । ସ୍ମରଣା ଗୀତେ ପ୍ରୀତ ବହି ॥
ଏମନ୍ତ ଅଷ୍ଟ ଭୁମ୍ୟେମାନେ । ଛନ୍ନାଅ ସଂଶୟ ବହନେ ॥

କୁମାରଉବାଚ ।

ଶୁଣି ସେ ବଧିଙ୍କ କୁମରେ । କହିଲେ ନାରଦଙ୍କୁ ଧୀରେ
ବେଦ ଉପନିଷଦ ସାର । ଅତି ଉତ୍ତମ ଫଳା ଧ୍ୟାର ॥
ସକଳ ଶାସ୍ତ୍ରରୁ ବାହାର । ଏ ଭାଗବତ କଥା ସାର ॥ ୧୬୭
ତିନି ଭୁବନରେ ଗୁପତ । ହୋଇଛି ମହିମା ବହୁତ ॥
ଯେସନେ ରସାଳ ବୃକ୍ଷର । ମୂଳରୁ ଅଗ୍ର ଯାଏ ତାର ॥
ନୁହଇ ରସ ଆସ୍ୱାଦନ । ସେ ରସ ଏକ ଠାବ ପୁଣ ୧୬୮
ହୋଇଣ ଫଳେ ପ୍ରବେଶଇ । ସେ ଫଳ ମନକୁ ହରଇ ॥
ଯେରୂପେ ଦୁଗ୍ଧ ମଧ୍ୟେ ଥାଇ । ଘୃତ ଆସ୍ୱାଦ ଜଣାନୋହିଁ ॥
ସେ ଦୁଗ୍ଧ ମଧ୍ୟରୁ ବାହାର । ହୋଇଲେ ସବୁ ଦେବଙ୍କର
ରସକୁ ବଢ଼ାଇ ବହୁତ । ସେ ଦ୍ରବ୍ୟ ପଦାର୍ଥରେ ଖ୍ୟାତ
ଇକ୍ଷୁରେ ଆଦି ମଧ୍ୟ ଅନ୍ତ । ବ୍ୟାପି ମାଧୁର୍ଯ୍ୟ ତହିଁ ସ୍ଥିତ ॥
ତହି ଭିତରେ ସେ ମାଧୁର୍ଯ୍ୟ । ଶ୍ୱେତ ସର୍କରା ନାମେ ପୂଜ୍ୟ
ସେ ରୂପେ ଭାଗବତ ଶାସ୍ତ୍ର । ଜଗତେ ଅତିହି ପବିତ୍ର ୧୬୯
ଏରୂପେ ବ୍ରହ୍ମାରେ ପୂଜିତ । ଏହୁ ଶ୍ରୀ ମହାଭାଗବତ ॥
ଜ୍ଞାନ ବୈରାଗ୍ୟ ଭକ୍ତିଙ୍କର । ନିମନ୍ତେ ହୋଇଛି ପ୍ରଚ୍ଚୁର ॥
ବେଦ ବେଦାନ୍ତରେ ନିପୁଣ । ଗୀତା ଶାସ୍ତ୍ରଙ୍କର କାରଣ ॥
ଏମନ୍ତ ବେଦବ୍ୟାସ ମୁନି । ମନରେ ପରିତାପ ଘେନି ॥
ପାଇଥିଲେ ଅଜ୍ଞାନ ସାଗର । ଲଭନ୍ତେ ମୋହକୁ ସତ୍ୱର ॥
ସେହି କାଳେ ଆସି ବ୍ରହ୍ମାସୁତ । ଚାରି ଶ୍ଳୋକରେ ଭାଗବତ
ପୂର୍ବରେ କହିଲେ ବ୍ୟାସଙ୍କୁ । କରଣ ତାହା ଶ୍ରବଣକୁ ॥
ମନରେ ଯେତେ ବାଧା ଥିଲା । ତାହାଙ୍କ ମନୁ ଦୂର ହେଲା

ତେଣୁ ଏହାଙ୍କୁ ପାଶୋରିଲ । ଯେଣୁ ଏରୂପେ ପୃଚ୍ଛିକଲ ॥
ଶ୍ରୀ ଭାଗବତଙ୍କ ଶ୍ରବଣ । ଏ ଶୋକ ଦୁଃଖ ବିନାଶନ ୮୭

ନାରଦଉବାଚ ।

ଏ ରୂପେ କୁମାରଙ୍କ ବାଣୀ । ଶୁଣି ନାରଦ ପୁଣି ଭଣି ॥
ଯାହାଙ୍କ ଦରଶନ ନାଶ । କରଇ ଅଶୁଭ ବିଶେଷ ୮୮
ପୁଣି ସଂସାର ଦାବାନଳେ । ପୀଡିତ ଜନଙ୍କର ଭଲେ ॥
ମଙ୍ଗଳ କର ଏ ଜଗତ । କଥିତେ କରଇ ପବିତ୍ର ।୯୦॥
ବିଶେଷେ ଶେଷ ମୁଖୁ ଶୁଣି । ଏ ଭାଗବତ ସାର ବାଣୀ ॥
ଅତ୍ୟନ୍ତ ଆନନ୍ଦରେ ମତ । ହୋଇଛୁ ଯାହାଙ୍କ ଚରିତ ॥
ପ୍ରେମର ପ୍ରକାଶ କାର୍ଯ୍ୟରେ । ଶରଣ ଚଳି ଭୂମିଠାରେ ॥
ଅନେକ ଜନ୍ମରେ ଅର୍ଜିତ । ଭାଗ୍ୟର ଉଦୟେ ଯେ ଜାତ ॥
ତେମନ୍ତ ସାଧୁ ସଙ୍ଗ ପାଇ । ପ୍ରବୁଦ୍ଧ ହରଷକୁ ବହି ॥
ଅଜ୍ଞାନ ହେତୁ ମହା ଘୋର । ଏ ଭବ ମୋହ ଅନ୍ଧକାର
ନାଶିବ ବିବେକ ଉଦୟ । ଯହିଁରୁ ହୁଏ ଅତିକ୍ଷୟ ।୯୭॥
ଏମନ୍ତ କହିଣ ନାରଦ । ଆନନ୍ଦେ କଣ୍ଠ ଗଦଗଦ ।୯୯॥
ସେ ମୁନି ପାଦେ ଚିତ୍ତ ଦେଇ । ବିଦ୍ୟନାଥ ସେବ କହଇ

ଇତି ଶ୍ରୀ ପଦ୍ମପୁରାଣେ ଉତ୍ତରଖଣ୍ଡେ ଶ୍ରୀଭାଗବତ ମହାତ୍ମ୍ୟେ କୁମାର ନାରଦ ସମାଗମେ ନାମ ଦ୍ୱିତୀୟ ଅଧ୍ୟାୟଃ ॥

ତୃତୀୟ ଅଧ୍ୟାୟ ॥

ନାରଦଉବାଚ ।

ଶୁଣି ନାରଦ କୁମାରଙ୍କୁ । ପୁଚ୍ଛନ୍ତି ଏମନ୍ତ ବାକ୍ୟକୁ ॥ ୧ ॥
ହେ ମୁନିବରେ ଶୁକ ଶାସ୍ତ୍ର । କଥାରେ ଉଜ୍ଜ୍ୱଳ ପବିତ୍ର ॥
ଏମନ୍ତ ମୁହିଁ ଜ୍ଞାନ ଯୋଗ । ଭଗତି ଜ୍ଞାନ ବଇରାଗ୍ୟ ॥
ଏହାଙ୍କୁ ସ୍ଥାପିବା ନିମନ୍ତେ । କରିବି ଯତନ ଅତ୍ୟନ୍ତେ ॥
କେବଣ ସ୍ଥାନ ଏଥୁ ଯଜ୍ଞ । ସ୍ଥଳକୁ ହୋଇବ ସେ ଯୋଗ୍ୟ
ଏ କଥା କହ ମୋତେ ବାରେ । ହେ ଦେବ ଜ୍ଞାନରୁଷି ବାରେ
ମହିମା ଶୁକ ଶାସ୍ତ୍ରଙ୍କର । ତଦନ୍ତେ କହିବ ସବିର । ୭ ॥
କେତେ ଦିବସେ ଭାଗବତ । ଶୁଣିମ ହୋଇ ଭକ୍ତିବନ୍ତ ॥
କେବଣ ବିଧାନ ଏଥିରେ । ହୋଇବ କହ ମୋତେ ସ୍ଥିରେ

କୁମାରଉବାଚ ।

ଶୁଣି ସେ ବ୍ରହ୍ମରୁଷି ଗଣ । କହନ୍ତି ନାରଦଙ୍କୁ ପୁଣ ।୧୦।
ବିବେକ ବିନମ୍ର ସହିତ । ହେ ବ୍ରହ୍ମସୁତ ଏ ଚରିତ ।୧୧।
କହିବା ଶୁଣ ଶୁଦ୍ଧ ମନେ । ଗଙ୍ଗା ଦୁଆର ସନ୍ନିଧାନେ ॥
ଆନନ୍ଦ ମନେ ତଟ ଅଛି । ଅନେକ ରୁଷିରେ ପୂରିଛି ॥
ଅମର ଶୁଦ୍ଧ ଜଣେ ଯୁକ୍ତ । ଅନେକ ତହିଁରେ ଶୋଭିତ ॥
ଯେ ନବ ଲତାରେ ସୁନ୍ଦର । ମୃଦୁ ବାଲୁକା ମନୋହର ॥
ଅତି ରୁଚିର ଯେ ଏକାନ୍ତ । ବେଶ ହୋଇଣ ଯେଣୁ ଖ୍ୟାତି
ସୁବର୍ଣ୍ଣ ପଦ୍ମେ ସୁବାସିତ । ଯାହାର ସମୀପରେ ସ୍ଥିତ ॥
ଜୀବମାନଙ୍କର ବଇର । କେବେହେ ନଥାଇ ମନର ॥
ଏ ଗଙ୍ଗାତଟେ ଜ୍ଞାନ ଯାଗ । ଯତ୍ନେ କରିବ ମହାଭାଗ ॥
ଅପୂର୍ବ ସରୁସ ଏ କଥା । ତହିଁରେ ହୋଇବ ସର୍ବଥା ॥
ଜ୍ଞତରେ ଜୀର୍ଣ୍ଣ କଳେବର । ଆଦ୍ୟରୁ ହେନ ସେ ଦୁର୍ବଳ

ଏ ବଇରାଗ୍ୟ ଜ୍ଞାନ ଘେନ । ଆସିବ ତହିଁ ଭକ୍ତି ପୁଣି ॥
ଯେବଣ ଠାରେ ଭାଗବତ । ଚରନ୍ତି ହୁଅନ୍ତି ବହୁତ ॥୨୩॥
ହୋଇ ବୈରାଗ୍ୟ ଜ୍ଞାନ ଭକ୍ତି । ଆନନ୍ଦେ ତହିଁକି ଆସନ୍ତି
ସେ କଥା ଶ୍ରବଣ କରଣ । ସେ ତନ ହୁଅନ୍ତି ତରୁଣ ।

ସୂତଉବାଚ ।

ସୂତ କହନ୍ତି ଶୌନକଙ୍କୁ । ଶୁଣ ତହିଁତ ଅମୃତକୁ ।୨୬।
ଏମନ୍ତ କହି ନାରଦଙ୍କୁ । କୁମାରେ ସଙ୍ଗେ ଘେନ ତାଙ୍କୁ ।
ଏ କଥା ଅମୃତ ପାନକୁ । ସତ୍ୱରେ ହୋଇ ତରଯାକୁ ।
ସେ ସ୍ଥାନୁ ଗଙ୍ଗାତଟେ ଅଟି । ପ୍ରବେଶ ହେଲେ ସର୍ବ ଋଷି
ଯେବଣ କାଳେ ଗଙ୍ଗା ତୀରେ । ପ୍ରବେଶ ହେଲେ ଋଷିବରେ
ଭୂଦେବ ବ୍ରହ୍ମ ତନଲୋକ । କୌତୁକେ ହୋଇଲେ ଉତ୍ସୁକ
ଏ ଭାଗବତ ଅମୃତକୁ । ପିଇବା ଏମନ୍ତ ଇଚ୍ଛାକୁ ।୩୨।
କରି ଯାଇଁଣ ପ୍ରଥମରେ । ଆସିଲେ ବଇଷ୍ଣବ ନରେ ।
ଭୃଗୁ ବଶିଷ୍ଠ ଯେ ଚ୍ୟବନ । ଗୌତମ ମେଧା ତଥି ପୁଣ ।
ଦେବଳ ଦେବରତ ରାମ । ସେ ବିଶ୍ୱାମିତ୍ର ଅନୁପମ ।
ସ୍ତବଳ ମାର୍କଣ୍ଡେୟ ପୁଣି । ଅତ୍ରି ପିପ୍ପଳ ଆଦି ମୁନି ।
ଆସିଣ ସେଠାରେ ପ୍ରବେଶ । ହୋଇଲେ ବହୁଣ ହରଷ ।
ସେ ବେଦବ୍ୟାସ ପରାଶର । ଶୁକ ଯାବାଲି ଜେ ଆବର ।
ଯହ୍ନୁ ଜେ ଆଦି ଯୋଗେଶ୍ୱର । ସ୍ତ୍ରୀ ପୁତ୍ର ମିତ୍ର ସହିତର ।
ଏମାନେ ସ୍ନେହ ଭାବ ବହି । ବେଗରେ ମିଳିଲେ କି ତହିଁ
ବେଦ ବେଦାନ୍ତ ମନ୍ତ୍ର ତନ୍ତ୍ରେ । ଏ ଅଷ୍ଟ ଶାସ୍ତ୍ରଙ୍କ ସହିତେ ।
ଆବର ସତର ପୁରାଣେ । ସୁ ମୂର୍ତ୍ତି ଧରଣ ଏମାନେ ।୪୨।
ଆନନ୍ଦେ ହୋଇଣ ପ୍ରବଳ । ଏ ସର୍ବେ ତହିଁ ହେଲେ ମେଳ
ଗଙ୍ଗାକୁ ଆଦି ସର୍ବ ନଦୀ । ଯେ ତୀର୍ଥେ ପୁଷ୍କରକୁ ବଧି ।

ସକଳ କ୍ଷେତ୍ରେ ଦଶଦଶ । ଦଣ୍ଡକ ଆଦି ବନଦେଶ ॥୪୫॥
ଏମାନେ ଧରିଣ ଦେହକୁ । ଅଇଲେ ସେ ଗଙ୍ଗା ତଟକୁ ॥
ସକଳ ଯୋଗେନ୍ଦ୍ରକ ବରେ । ଦେବତା ଗନ୍ଧର୍ବ କିନ୍ନରେ ॥
ଏ ବଡ଼ କଥା ବୋଲି ତହିଁ । ପ୍ରବେଶ ହୋଇଲେକ ଯାଇ
ତହିଁ ର ଆସିବା ମାନଙ୍କୁ । କହି ଆଣିଲେ ଗୁରୁ ତାଙ୍କୁ ॥
ନାରଦ ଶ୍ରବଣ ଦକ୍ଷାକୁ । ଧଇଲେ ଦେଇଣ ମନକୁ ॥
କୁମାରେ ପୂଜା ତହିଁ ପାଇ । ବସିଲେ ଶ୍ରୀକୃଷ୍ଣଙ୍କୁ ଧ୍ୟାଇ ॥
ବୈଷ୍ଣବେ ବିରକ୍ତ ସନ୍ୟାସି । ଆବର ବ୍ରହ୍ମଚାରି ଋଷି ॥
ଅନେକ ମୁଖ୍ୟ ଏହିମାନେ । ବସିଲେ ତହି କୁଶାସନେ ॥
ନାରଦ ଏହାଙ୍କ ଅଗ୍ରତେ । ବସିଲେ ତହିଁ ଶୁଦ୍ଧ ଚିତ୍ତେ ॥
ଋଷିଏ ଦେବଗଣ ବୃନ୍ଦ । ସେହିଠି ବେଦ ଉପନିଷଦ ୫୫
ସକଳ ତୀର୍ଥେ ସବୁ ନାରୀ । ଏମାନେ ଭିନ୍ନ ଦେହ ଧରି ॥
ଯେଝା ପାଖରେ ଏ ବସିଲେ । କେହି କାହାକୁ ନ ମିଶିଲେ
ଜୟ ଶବଦ ଶଙ୍ଖ ନାଦ । ଆବର ନମସ୍କାର ବାଦ ॥୫୮॥
ଏତେ ଶବଦେ ଗଙ୍ଗା ତଟ । ପୂରି ଉଛଳିଲା ପ୍ରକଟ ॥
ମଙ୍ଗଳ ଚୂର୍ଣ୍ଣି ଲପା ତହିଁ । ଫିଙ୍ଗିଲେ ଆନନ୍ଦକୁ ପାଇ ॥
ବିମାନମାନଙ୍କୁ ଆରୋହି । ଆକାଶ ମଣ୍ଡଳରେ ରହି ।୬୧॥
କେତେହେ ଦେବ ନାରୀମାନେ । ଧରିଣ ଆନନ୍ଦକୁ ମନେ
କଳପ ବୃକ୍ଷ କୁସୁମକୁ । ବର୍ଷିଲେ ଚହିଁ ସେ ସ୍ଥାନକୁ ॥

ସୂତଉବାଚ ।

ସୂତ କହନ୍ତି ଏ ବଚନ । ଶୁଣ ଶୌନକ ଦେଇ ମନ ॥
ଏମନ୍ତେ ତହିଁ ଏ ସମସ୍ତେ । ଏକ ମନ ହୋଇ ବସନ୍ତେ ॥
ଏଥୁଁ ନାରଦ ମହାତ୍ମାଙ୍କୁ । କୁମାରେ କହିଣ ଶ୍ରଦ୍ଧାକୁ ॥
ମହିଁମା ଭାଗବତଙ୍କର । କହିଲେ ଶୁଣ ମୁନିବର ॥୬୭॥

କୁମାର ଉବାଚ ।

ଶୁକଦେବ ଶାସ୍ତ୍ର ମହିମା । ଏ ଅଗୋଚର ନାହିଁ ସୀମା ॥
ଯାହାଙ୍କ ଶ୍ରବଣ ମାତ୍ରରେ । ମୁକତ ଆସି ଉହେ କରେ ॥
ଏ ଭାଗବତ ସାର କଥା । ସେବିବ ସେବିବ ସର୍ବଥା ॥
ତାହାଙ୍କ ଶ୍ରବଣ ମାତ୍ରରେ । ଶ୍ରୀହରି ରହନ୍ତି ଚଉରେ ॥
ଅଠର ସହସ୍ର ଏ ଗ୍ରନ୍ଥ । ଦ୍ୱାଦଶ ସ୍କନ୍ଧରେ ସହିତ ॥ ୭୨ ॥
ଏଥିରେ ଶୁକ ପରୀକ୍ଷିତ । ସଂବାଦ ହୋଇଛି ବିଖ୍ୟାତ ॥
ଏହାଙ୍କୁ ଭାଗବତ କହି । ଶୁଣ ଏହାକୁ ମନ ଦେଇ ॥୭୪॥
ଶୁକ ଶାସ୍ତ୍ରଙ୍କ କଥା ସାର । ନୋହିଁଲେ ଶ୍ରବଣ ଗୋଚର ॥
ଏ ସଂସାର ଚକ୍ରରେ ଜନ । ଭ୍ରମଇ ଅଜ୍ଞାନ ବହଣ ॥
ବହୁତ ଶାସ୍ତ୍ର ଶୁଣିମାରେ । କି କାର୍ଯ୍ୟ ପୁରାଣ ପାଠରେ ॥
ଯେ ଘୋର ସଂସାରର ଭ୍ରମ । ନାଶରେ ନୁହନ୍ତି ଏ କ୍ଷମ ।
ଏକ ଯେ ଭାଗବତ ଏହି । ମୁକତ ଦେବାରେ ଗର୍ଜଇ
ଯା ଘରେ ଅଛନ୍ତି ଏ ଶାସ୍ତ୍ର । ସେ ଘର ତୀର୍ଥରୁ ପବିତ୍ର ।
ସେ ଘରେ ରହିବା ଲୋକର । ସକଳ ପାପ ଯାଇ ଦୂର ।
ସହସ୍ର ଅଶ୍ୱମେଧ ଶତ । ବାଜପେୟ ଯାଗ ସୁକୃତ ।୮୨।
ଭାଗବତ କଥା ଷୋଡଶ । କଳାକୁ ନୁହଇ ସଦୃଶ ।୮୩॥
ଶ୍ରୀ ଭାଗବତ କଥା ସାର । ଶ୍ରବଣ ମାତ୍ରେ ଜନଙ୍କର ॥
ଦେହରୁ ସର୍ବ ପାପମାନେ । ଦୂର ହୁଅନ୍ତି ତତକ୍ଷଣେ ॥
ପୁଷ୍କର ଗଙ୍ଗା ଗୟା କାଶୀ । ପ୍ରୟାଗ ଆଦି ତୀର୍ଥେ ଆସି ॥
ଶ୍ରୀ ଭାଗବତ କଥା ଫଳେ । ସମ ନୁହନ୍ତି କେତେ ବେଳେ
ଶ୍ରୀ ଭାଗବତ ଶାସ୍ତ୍ର ଜାତ । ଶ୍ଳୋକାର୍ଦ୍ଧ ଶ୍ଳୋକ ପଦ ମାତ୍ର ॥
ଏହାଙ୍କୁ ପଢି ନରନ୍ତରେ । ଯିବେ ସ୍ୱଇଚ୍ଛା ବୈକୁଣ୍ଠରେ ॥
ଓଁ କାର ବେଦ ମାତା ବେନି । ପୁରୁଷ ସୂକ୍ତ ଏହୁ ତିନି ॥
ଦ୍ୱାଦଶାକ୍ଷର ମନ୍ତ୍ରରାଜ । ଏମାନେ ଭାଗବତେ ହେଜ ॥

ବରଷ ଆତ୍ମା ଏହୁ କାଳି । ପ୍ରସ୍ଥାଗ ବ୍ରାହ୍ମଣଙ୍କ କୁଳ ।।୯୨।।
ସ୍ଥୂଳଭଗଣ ଅଗ୍ନି ହୋତ୍ର । ଦ୍ୱାଦଶାକ୍ଷରଙ୍କ ଏ ଗାତ୍ର ।।
ତୁଳସୀ କାନନ ବସନ୍ତ । ପୁରୁଷୋତ୍ତମ ପୁଣ୍ୟକ୍ଷେତ୍ର ।।୯୪।।
ତବ୍ ଭେଦରେ ଏହାଙ୍କର । କେବେହେଁ କର ଧାଙ୍କନର
ଅର୍ଥ ସହିତ ଭାଗବତ । ପଠନ କରଇ ଯେ ନିତ୍ୟ ।।୯୭।।
କୋଟି ଜନ୍ମର ପାପ ଯେତେ । ତାହାଙ୍କ ନାଶଇ ତୁରିତେ
ଯେ ଭାଗବତେ ପ୍ରୀତି ବହି । ଶ୍ଳୋକାର୍ଦ୍ଧ ପାଦେ ବା ପଢ଼ଇ
ସେ ଅଶ୍ୱମେଧ ରାଜସୂୟ । ଫଳକୁ ଲଭଇ ନିଶ୍ଚୟ ।।୯୯।।
ଶ୍ରୀ ଭାଗବତଙ୍କ କଥନ । ମାନସେ ଶ୍ରୀହରି ଚିନ୍ତନ ।।୧୦୦।।
ତୁଳସି କାନନ ସେବନ । ସମସ୍ତ ଧେନୁକୁ ପାଳନ ।।
ଏ ଗୁରୁ ଫଳ ସମ ନାହିଁ । ଶୁଣ ନାରଦ ମନ ଦେଇ ।।
ଅନ୍ତ କାଳରେ ଯେଉଁ ଜନ । କରଇ ଏ ଶାସ୍ତ୍ର ଶ୍ରବଣ ।।
ଶ୍ରୀହରି ତାକୁ ଦୟା କରି । ଦିଅନ୍ତି ବଇକୁଣ୍ଠ ପୁରି ।।
ଯେ ଜନ ଏହୁ ଭାଗବତ । ସୁବର୍ଣ୍ଣ ସିଂହାସନେ ଯୁକ୍ତ ।।
କରି ବୈଷ୍ଣବେ ଦାନ ଦେଇ । ସେ କୃଷ୍ଣ ସାଯୁଜ୍ୟ ଲଭଇ
ଜନ୍ମାଦ୍ଧ୍ୟ ମରଣ ପର୍ଯ୍ୟନ୍ତେ । ଯେ ଜନ ଅତି ମୂଢ଼ ଚିତ୍ତେ
ଶ୍ରୀ ଭାଗବତ କଥାମୃତ । ପାନକୁ ନକଲା କଷ୍ଟିତ ।।୧୦୮।।
ଚଣ୍ଡାଳ ଘର ସମ ହୋଇ । ତା ଜନ୍ମ ବ୍ୟର୍ଥରେ ଯାଇ ।।
କେବଳ ମାତା ଗର୍ଭ ଦୁଃଖ । ଦେଇ ଜନ୍ମିଲା ସେହୁ ମୂର୍ଖ ।।
ଯେବଣ ପାପ ଆତ୍ମା ଜନ । ନ ଶୁଣେ ଶ୍ରୀଶୁକ ବଚନ ।।
ତାକୁ ଜୀଅନ୍ତା ଶବ କହି । ପଶୁରେ ଗଣନା ସେ ହୋଇ
ଧିକ ସେ ଅବନୀକ ଭାର । ଇନ୍ଦ୍ରାଦି କହନ୍ତି ଏ ଗୀର ।।
ଶ୍ରୀ ଭାଗବତ ଜାତ କଥା । ମର୍ତ୍ତ୍ୟରେ ଦୁର୍ଲଭ ସର୍ବଥା ।।
ଏ ପୁଣି କୋଟି ଜନ୍ମାର୍ଜିତ । ସୁକୃତ ହୁଅଇ ପ୍ରାପତ ୧୧୫
ହେ ଯୋଗନିଧି ବ୍ରହ୍ମସୁତ । ତେଣୁ ଯତ୍ନେ ଭାଗବତ ।।

ଶୁଣିବ ତଉ ଶୁଦ୍ଧ କରି । ଦଶ ନିୟମ ନ ବିସ୍ମରି ॥୧୧୭॥
ସର୍ବଦା ଏ ଶାସ୍ତ୍ର ଶ୍ରବଣ । ସମାନ ଫଳ ହୁଏ ଜାଣ ॥
ଶ୍ରାଦ୍ଧାଦି ବ୍ରହ୍ମଚର୍ଯ୍ୟ ସତ୍ୟ । ଆଚରି ଭାଗବତ ନିତ୍ୟ ॥
ଶ୍ରବଣ କର୍ମ ଏହା କହି । କଳିରେ ଶକ୍ୟ ଏ ନୁହଇ ॥
ତେଣୁ ଶୁକଙ୍କ ଆଜ୍ଞାମାନ । ଶୁଣିମ ଅର୍ଥ ମନେ ଘେନ ॥
ମାନସ ହେବାରୁ ଅଜସ୍ର । ଅଳ୍ପ ଆୟୁଷ ଯେଣୁ କ୍ଷୟ ॥
ଆଉରି ବହୁ ରୋଗ କ୍ଲେଶ । ଏରୂପେ କଳି ବହୁ ଦୋଷ ॥
ହେବାରୁ ସପ୍ତାହ ଶ୍ରବଣ । ଜନଙ୍କୁ ହୋଇବ କାରଣ ॥
ଯେ ଜନ ଏ ଶାସ୍ତ୍ର ଶ୍ରବଣ । ଦକ୍ଷାରେ ପ୍ରବର୍ତ୍ତାଇ ମନ ॥
ନିୟମ ମନ ଜୟ ତାର । ଘଟିବ ବିସ୍ମର ମନର ॥୧୨୬॥
ଏ ଯେନ ସପ୍ତାହ ଶ୍ରବଣ । ବହିଲେ ପରମ କାରଣ ॥
ଏ ଭାଗବତ ଆଦି ଅନ୍ତ । ଅପେକ୍ଷ କରି ଯେହୁ ନିତ୍ୟ ॥
ଶ୍ରଦ୍ଧାରେ ଶ୍ରବଣ କରଇ । ତହିଁ ଯେତେକ ଫଳ ପାଇ ॥
ସେ ଫଳ ସପ୍ତାହେ ଲଭଇ । ଏମନ୍ତ ଶୁକ ଛନ୍ତି କହି ॥
ତପସ୍ୟା ଯୋଗ ସମାଧିରେ । ଯେ ଫଳ ମିଳଇ ସଂସାରେ
ଅନାୟାସରେ ସେହୁ ଫଳ । ସପ୍ତାହ ଶ୍ରବଣରେ ମିଳ ॥
ତପସ୍ୟା ଯଜ୍ଞ ତୀର୍ଥ ଧ୍ୟାନ । ଆଉରି ବ୍ରତ ଯୋଗ ଜ୍ଞାନ ॥
ଏହାଙ୍କ ଫଳକୁ ନିନ୍ଦଇ । ସପ୍ତାହ ନିରତେ ଗର୍ଜ୍ଜଇ ॥

ଶୌନକଉବାଚ ।

ଶୁଣି ଶୌନକ ମୁନି କହେ । ହେ ସୂତ ପୃଚ୍ଛିବି କଥାଏ ॥
ଆଶ୍ଚର୍ଯ୍ୟ ଏହୁ କଥା ସାର । ଜ୍ଞାନାଦି ଧର୍ମଙ୍କ ବିସ୍ତର ୧୩୬
କରି କହିଲ ବର୍ତ୍ତମାନେ । ଶୁଣି ସଂଶୟ ମୋର ମନେ ॥
ଯୋଗ ବେଦାଦି ପ୍ରକାଶକ । ଆଉରି ମୋକ୍ଷର କାରକ ॥
ଏହୁ ପୁରାଣ ଭାଗବତ । କେଉଁ ଠାରୁ ହେଲେ ଜାତ ॥

ସୂତଉବାଚ ।

ଶୁଣି କହନ୍ତି ସୂତ ତୋଷେ । ଶୌ ମୁନି ଶୁଣିମା ହଣ୍ଠାସେ ॥
ଭୂମିକ ଗ୍ଲଡି ଭଗବାନ । ବୈକୁଣ୍ଠ ପୁରକୁ ଗମନ ।୧୪୧॥
କହିବା ବୋଲି ଯେଉଁ କାଳେ । ଉଦ୍ଧମ ବିଧାନକୁ କଲେ
ଏକାଦଶରେ ଏ ଚରିତ । ସମସ୍ତ ହୋଇଛୁ ବଦିତ ୧୪୩
ତା ଜାଣି ଉଦ୍ଧବ ତୁରତେ । ପୁଚ୍ଛିଲେ ଶ୍ରୀକୃଷ୍ଣ ଅଗ୍ରତେ ॥

ଉଦ୍ଧବଉବାଚ ।

ହେ ବାସୁଦେବ ଭକ୍ତ କାର୍ଯ୍ୟ । ବିଧାନ କର ତୁମ୍ଭେ ଅଜ
ଯିବ ଅପଣା ଭୁବନକୁ । ଏଣୁ ମୁ ପୁଛଇ ତୁମ୍ଭଙ୍କୁ ।୧୪୬॥
ମୋ ମନେ ମହାଚିନ୍ତା ଜାତ । ଶୁଣି ତା ହୁଅ ସୁଖି ଚିତ୍ତ ॥
ପ୍ରବେଶ ହେଲା ଘୋର କଳି । ଏଥିରେ ହେବ ଟଳ ବେଳି
ତାଙ୍କ ସଙ୍ଗରୁ ସାଧୁମାନେ । ଧରିବେ ଉଗ୍ରତାକୁ ମନେ ॥
ସେ କାଳେ ଏ ଭୂମିର ଭାର । ଅତ୍ୟନ୍ତ ହେବାରୁ ଦୁସ୍ତର
ଏ ଭୂମି ଧର ଗୋରୂପକୁ । ଆଶ୍ରୟ କରିବ କାହାକୁ ।
ହେ ହରି ତୁମ୍ଭ ବିନୁ ତ୍ରାଣ । କରିବ ତାକୁ କେଉଁ ପୁଣ ॥
ଏ ଯେଉଁ ସନ୍ଦେହ ଦୟାବନ୍ଧ । ନ ଯାଅ ପ୍ରଭୁ ଭବଗ୍ରାହ ॥
ଚିନ୍ମୟ ନିରାକାର ହେଲେ । ଭକ୍ତଙ୍କ କାର୍ଯ୍ୟ ବହି ଭଲେ
ସଗୁଣ ରୂପେ ଅବତାର । ବହିଲ ତୁମ୍ଭେ ଦାମୋଦର ॥
ତୁମ୍ଭ ବିରହେ ଭକ୍ତଜନେ । କେମନ୍ତେ ରହିବେ ଭୁବନେ
ନିର୍ଗୁଣ ଉପାସନା କଷ୍ଟ । ସଂସାରେ ଘଟଇ ପ୍ରକଟ ୧୫୭
ଏ କଥା ଜାଣି ଦୟାବନ୍ଧୁ । କିଛୁ ଉପାୟ ଯାଅ କହି ॥
ଏରୂପେ ଉଦ୍ଧବ ବଚନ । ଶୁଣିଣ ପ୍ରଭୁ ଭଗବାନ ॥୧୫୯॥
ଭକ୍ତଙ୍କ ଆଶ୍ରୟ ନିମନ୍ତେ । ବିଧାନ କରିବା କେମନ୍ତେ ॥
ଏରୂପେ ସ୍ୱହୃଦରେ ହରି । ଚିନ୍ତିଲେ ମାନସେ ବଗୃର ॥

ଆପଣା ତେଜ ଭାଗବତେ । ନେଇଁ ଥୋଇଲେ ଦୟାବନ୍ତେ
ଆପଣେ ଅନ୍ତର୍ଭୂତ ହେଲେ । ଏ ଶାସ୍ତ୍ର ସାଗରେ ମିଳିଲେ
ତେଣୁ ବଚନ ମୟ ମୂର୍ତ୍ତି । ଜଗତେ ପ୍ରତ୍ୟକ୍ଷ ଶ୍ରୀପତି ॥
ଏଣୁ ଏ ସେବକ ଦର୍ଶନୁ । ଆଦର ଶ୍ରବଣ ପଠନୁ
ସକଳ ପାତକ ନାଶନ୍ତି । ସାକ୍ଷାତ ହରି ଏ ଅଟନ୍ତି ॥
ତେଣୁ ଏ ସପ୍ତାହ ଶ୍ରବଣ । ସକଳ ଠାରୁ ଶ୍ରେଷ୍ଠ ଜାଣ ॥
ଅନ୍ୟ ସାଧନଙ୍କୁ ବିଶ୍ୱାସି । କଳିରେ ଏ ଧର୍ମ ପ୍ରକାଶି ॥
ଦୁଃଖ ଦାରିଦ୍ର୍ୟ ମନ୍ଦଭାଗ୍ୟ । ପାତକ ନାଶ କ୍ରୋଧ ବେଗ
ଏହାଙ୍କ ବିନାଶନ ପାଇଁ । କଳିରେ ଏ ଧର୍ମ ଶୋଭଇ ॥
ଏ ଧର୍ମ ନଥିଲେ ସଂସାରେ । ଲଂଘି ନପାରନ୍ତି ଯା ସ୍ୱରେ ॥
ଏମନ୍ତ ମାୟା ବିଷ୍ଣୁଙ୍କର । ଲଂଘନ୍ତେ କରୂପରେ ନର ॥
ଏଣୁ ଏ ସପ୍ତାହ ବିଧାନ । ପ୍ରକାଶ କଲେ ଭଗବାନ ॥

ସୂତଉବାଚ ॥

ସୂତ କହନ୍ତି ତୋଷ ଚିତ୍ତେ । ଶୌନକ ମୁନିଙ୍କ ଅଗ୍ରତେ ॥
ସଭାରେ ବସି ରୁଷିବରେ । ସପ୍ତାହ ଶ୍ରବଣ ବିଧିରେ
ଏ ଧର୍ମ ପ୍ରକାଶ କରନ୍ତେ । ଏକଇ ଆଶ୍ଚର୍ଯ୍ୟ ହୁଇତେ ॥
ଜନ୍ମିଲେ ସେହୁ କାଳେ ପୁଣ । କହିବା ତହିଁର ବଖାଣ ॥
ତରୁଣ ବେଦପୁତ୍ର ଘେନ । ଭକ୍ତିଙ୍କେ ପ୍ରେମ ରୂପେ ପୁଣି ॥
ବେଗରେ ଆସି ସେହିଠାରେ । ପ୍ରବେଶ ହେଲେ ସ୍ୱଇଷ୍ଟରେ
ଶ୍ରୀକୃଷ୍ଣ ଗୋବିନ୍ଦ ହେ ହରି । ମୁରାରି ରାମ ନରହରି ॥
ଏମନ୍ତ ନାମ ମାନ ମୁଖେ । ଉଚ୍ଚାରି ପ୍ରବେଶିଲେ ସୁଖେ ॥
ଶ୍ରୀ ଭାଗବତ ଅର୍ଥ ଗଣ । ଶରୀରେ ହୋଇଛି ଭୂଷଣ ॥
ଧରିଛି ମନୋହର ବେଶ । ସନ୍ମୁଖେ ହୁଅନ୍ତେ ପ୍ରବେଶ ॥
ଏମନ୍ତେ ସଭାଗତମାନେ । ଦେଖିଣ ବିସ୍ମରନ୍ତି ମନେ ॥

କହିତୁ ମୁନିଙ୍କ ମଧ୍ୟରେ । ପ୍ରବେଶ ଆସି ହେଲା ଧୀରେ
ସ୍ୱର୍ହଣ କୁମାରେ କହନ୍ତି । ଏ ଶାସ୍ତ୍ର ପଠନ୍ତୁ ଭଗତି ॥
ଏବେ ଆସିଣ ପ୍ରବେଶିଲେ । ଭକ୍ତି ଏ ବଚନ ଶୁଣିଲେ ।
ସୂତ ସହିତେ ନମ୍ର ହୋଇ । ବଚନ କୁମାରଙ୍କୁ କହି ॥

ଭକ୍ତିରୁବାଚ ।

ଆଜ ସକଳେ ତୁମ୍ଭେ ମୋତେ । ପୁଷ୍ଟି କହିଲ ଦୟାଚିତ୍ତେ
ଏ ଭାଗବତ କଥା ରସେ । କଲିକ ନାଶିଲ ବିଶେଷେ ॥
କେବଣ ଠାରେ ଏବେ ମୁହିଁ । ରହିବି କହ ଦୟା ବହି
ଏମନ୍ତ ବ୍ରହ୍ମଋଷିମାନେ । ଶୁଣି କହିଲେ ତୋଷ ମନେ ॥
ସକଳ ଭକ୍ତିମାନଙ୍କରେ । ଗୋବିନ୍ଦ ରୂପ ଯେହ୍ନୁ ଧରେ ॥
ଆବର ପ୍ରେମକୁ ପ୍ରକାଶ । ଯେ ଭବ ରୋଗ କରେ ନାଶ
ଏରୂପେ ତୁମ୍ଭେ ଭକ୍ତଙ୍କର । ଧୈର୍ଯ୍ୟ ସହିତ ନିରନ୍ତର ॥
ଏମନ୍ତ ମାନସ ସ୍ଥାନରେ । ରହ ଯାଇଣ ନିଶ୍ଚଳରେ ॥
ତେଣୁ ଏ କଳିଯୁଗ ଦୋଷେ । ଗରିଷ୍ଠ ହେଲେହେଁ ବିଶେଷେ
ତୁମ୍ଭଙ୍କୁ ନପାଇବ ଦେଖି । ନିଶ୍ଚନ୍ତେ ରହ ହୋଇ ସୁଖୀ ॥
ଏମନ୍ତେ ତାଙ୍କ ଆଜ୍ଞା ପାଇ । ସେ ଭକ୍ତି ତୋଷମନେ ଯାଇ
ରହିଲେ ଭକ୍ତଙ୍କ ମାନସେ । ନପଡ଼ି ସେହ୍ନୁ କଲି ତ୍ରାସେ ॥
ଯେବଣ ଜନଙ୍କର ମନେ । ଭକ୍ତି ରହଇ ନିଶି ଦିନେ ॥
ସେ ଜନମାନେ ଏ ଜଗତେ । ଦୁର୍ବଳ ହେଲେ ହେଁ ଅତ୍ୟନ୍ତେ
ସେ ଲୋକମାନେ ଅତି ଧନ୍ୟ । ଦେବେ କରନ୍ତି ତାଙ୍କୁ ମାନ୍ୟ
ଶ୍ରୀହରି ନିଜ ଲୋକ ତେଜି । ଭକ୍ତି ଭାବରେ ଚିତ୍ତ ମଜ୍ଜି ॥
ରହନ୍ତି ତାଙ୍କ ହୃଦେ ଆସି । ଶୁଣ ଶୌନକ ମହାଋଷି ॥
ବ୍ରହ୍ମାଣ୍ଡେ ବଇଷ୍ଣବେ ସାର । ଯେହ୍ନୁ ନାରଦ ମୁନିବର ॥
ତାହାଙ୍କ ଅଧିକ ମହିମା । କେ କହି ପାରିବ ତା ସୀମା ॥
ଯାହାଙ୍କ ଆଶ୍ରୟ ବଳରେ । କଥିତ ଭାଗବତଙ୍କରେ ୧୦୮

ଯାଚକ ଶ୍ରୋତା ଏହୁ ଦୁଇ । ସାରୂପ୍ୟ ମୁକ୍ତିକି ଲଭଇ ॥
ଅନ୍ୟ ଧର୍ମରେ ନାହିଁ କାର୍ଯ୍ୟ । ହେ ମୁନିବର ଏହା ହେଜ
ଏ ଧର୍ମ ଜଗତେ ଦୁର୍ଲଭ । ଭଣିଲେ ପଦ୍ମନାଭ ଦେବ ॥

ଇତି ଶ୍ରୀ ପଦ୍ମପୁରାଣେ ଉତ୍ତରଖଣ୍ଡେ ଶ୍ରୀଭାଗବତ ମହାତ୍ମ୍ୟ ନିରୂପଣେ ଭକ୍ତି କଷ୍ଟ ନିବର୍ତ୍ତନେ ନାମ ତୃତୀୟୋ ଅଧ୍ୟାୟଃ ॥

ଚତୁର୍ଥ ଅଧ୍ୟାୟ ॥

ସୂତଉବାଚ ।

କହନ୍ତି ଶୁକ ମୁନିବର । ଶୁଣ ଶୌନକ ହୋଇ ସ୍ଥିର ॥
ଭକ୍ତ ବତ୍ସଳ ବନମାଳୀ । ନବୀନ ଘନ ଦ୍ୟୁତି ଶାଳୀ ॥ ୨ ॥
ପୀତ ବସ୍ତ୍ରରେ ମନୋହର । ସୁବର୍ଣ୍ଣ କଣ୍ଠରେ ସୁନ୍ଦର ॥ ୩ ॥
ମୁକୁଟ କୁଣ୍ଡଳ ମଣ୍ଡିତ । ତ୍ରିଭଙ୍ଗ ଭଙ୍ଗି ସୁଲଳିତ ॥ ୪ ॥
କୌସ୍ତୁଭ ମଣ୍ଡନରେ ଶୋଭ । କୋଟି କନ୍ଦର୍ପ ମନ ଲୋଭ
ହରିଚନ୍ଦନେ ଘନଲିପ୍ତ । ପରମ ଆନନ୍ଦ ଚିନ୍ମୟ ॥ ୬ ॥
ମଧୁର ମୁରଲୀ ଶୋଭନ । ଏମନ୍ତ ରୂପ ଭଗବାନ ॥ ୭ ॥
ବୈଷ୍ଣବ ଜନ ଚିନ୍ତନରେ । ଦେଖି ଭକ୍ତିକି ଅତ୍ୟନ୍ତରେ ॥
ଆପଣା ନଗରକୁ ତେଜି । ରହିଲେ ଭକ୍ତ ମନ ମଜ୍ଜି ॥
ବୈକୁଣ୍ଠ ବାସୀ ଉଦ୍ଧବାଦି । ବୈଷ୍ଣବମାନେ ହୋଇ ମୋଦି
ଏ ଶାସ୍ତ୍ର କଥା ଶ୍ରବଣରେ । ରହିଲେ ମଞ୍ଚରେ ଗୁପ୍ତରେ ॥
ସେ କାଳେ ଜୟ ଜୟ ଧ୍ୱନି । ଅତ୍ୟନ୍ତ ରସ ପୁଷ୍ଟି ପୁଣି ॥
ଚୂର୍ଣ୍ଣ କୁସୁମ ବୃଷ୍ଟି ହେଲା । ଶଙ୍ଖ ଶବଦ ଉଛୁଳିଲା ॥

ସଭାରେ ଯେତେ ଲୋକ ଥିଲେ । ଶୁଦ୍ଧ ଦେହାଦି ଧାରୋଇଲେ
ଦେଖି ତନ୍ମୟ ଅବସ୍ଥାକୁ । ନାରଦ କହିଲେ ବାକ୍ୟକୁ ॥

ନାରଦଉବାଚ ।

ହେ ମୁନିମାନେ ସପ୍ତାହର । ମହିମା ଅତି ଚମତ୍କାର ॥
ଏହାକୁ ଦେଖି ମୁନିଜନେ । ଆବର ଯେତେ ଶଠ ଗଣେ ॥
ସକଳ ପଶୁ ପକ୍ଷୀମାନେ । ନିଷ୍ପାପ ହୋଇଲେ ବହନେ ॥
ଏ ଘେନ ଏହୁ ମଞ୍ଚପୁରେ । ଏ ଚିତ୍ତ ଶୁଦ୍ଧ କରିବାରେ ॥
କଳିରେ ପବିତ୍ର ଯେ କଥା । ଏ ବିନୁ ନାହିଁଟି ସର୍ବଥା ॥
ଏ କଥା ପାତକ ନାଶଇ । ଏହା ସମାନେ ଆନ ନାହିଁ ॥
କଥା ସ୍ୱରୂପ ଏ ସପ୍ତାହ । ଯଙ୍କେ କେ ନୋହେ ଶୁଦ୍ଧ ଦେହ
ଅତି ଦମ୍ଭିକ ଜନମାନେ । ବଗୃର ଲୋକ ହତ ମନେ ॥
ନବୀନ କରି ଏ ଆଶ୍ଚର୍ଯ୍ୟ । ମାର୍ଗକୁ ଦେଖାଇଲେ ଆଜ ॥

କୁମାରଉବାଚ ।

କୁମାରଗଣ ନାରଦଙ୍କୁ । କହନ୍ତି ବହୁ ସୁଦୟାକୁ ॥ ୨୫ ॥
ସର୍ବଦା ପାପୀ ଦୁଶ୍ଚୂର । କୁତ୍ସିତ ମାର୍ଗରେ ପ୍ରଚୁର ॥
କ୍ରୋଧ ଅନଳେ ସନ୍ତାପିତ । କୁଟିଳ ଚିତ୍ତ କାମେ ରତ ॥
ଏମନ୍ତ ଜନେ ଏ କଳିରେ । ସପ୍ତାହ ବିଧି ଶ୍ରବଣରେ ୨୮
ପବିତ୍ର ହୁଅନ୍ତି ନିଶ୍ଚୟେ । ମାନସେ ନକର ସଂଶୟେ ॥
ପିତା ମାତାର ଦ୍ରୋହକାରୀ । ସତ୍ୟ ବହୁନେ ତୃଷ୍ଣା ଧାରି ॥
ଆଶ୍ରମ ଧର୍ମରେ ବର୍ଜିତ । ଦମ୍ଭ ମତ୍ସର ହିଂସା ଯୁକ୍ତ ॥ ୩୧ ॥
ଏମନ୍ତ ଜନେ ଏ ସପ୍ତାହ । ବିଧିରେ ହୋନ୍ତି ଶୁଦ୍ଧ ଦେହ
କାୟ ବଚନ ମାନସରେ । ଯେ ପାପୀ ଷଠ ବଳାତ୍କାରେ
ପାତକ ନିତ୍ୟରେ ଅର୍ଜନ୍ତି । ପରଶେ ଦେହକୁ ପସନ୍ତି ॥

ମଳିନ ଦୁରାଶୟ ଜନେ । କଳରେ ହସ୍ତୀନ୍ଦ୍ର ବାଧନେ ॥
ନିର୍ମଳ କରଣ ଦେହଙ୍କୁ । ଅନ୍ତରେ ଲଭଇ ମୋକ୍ଷକୁ ॥
ଏହି ବିଷୟରେ ତୁମ୍ଭଙ୍କୁ । କହିବା ପୂର୍ବ ଚରିତକୁ ।
ଯେହ୍ନୁ ଚରିତ୍ର ଶ୍ରବଣରେ । ପାତକ ନାଶ ଯିବ ଦୂରେ ॥
ପୂର୍ବେ ଯେ ତୁଙ୍ଗଭଦ୍ରା କୂଳେ । ପାଟଣୀ ଥିଲା ସୁନିର୍ମଳେ ॥
ତହିଁରେ ସ୍ଥିର ବର୍ଣ୍ଣି ନରେ । ସ୍ୱଧର୍ମ ସତ୍ୟ ସତ୍କର୍ମରେ ॥
ଅତ୍ୟନ୍ତେ ଆଶକ୍ତିକୁ ବହି । ନିଷ୍ଠନ୍ତେ ଥାନ୍ତି ସୁଖେ ରହି ॥
ଏମନ୍ତ ସେହ୍ନୁ ପତ୍ତନରେ । ପଣ୍ଡିତ ବେଦାଦି ଶାସ୍ତ୍ରରେ ॥
ଯେ ଶ୍ରୁତି ସ୍ମୃତି କର୍ମବନ୍ତ । ତେଜେ କି ଦ୍ୟୁତି ଗ୍ରହ୍ୟାକାନ୍ତ
ବିଶେଷ ଦ୍ରବ୍ୟରେ ସଂଯୁତ । ଭିକ୍ଷୁକ ଦ୍ୱିଜ ତହିଁ ସ୍ଥିତ ॥
ଧୂନ୍ଦଳୀ ନାମେ ତାର ବାଳୀ । ଆପଣା ବୋଲେ ଗୃହ ସ୍ଥଳୀ
ଉତ୍ତମ କୁଳରେ ସେ ଜାତ । ସୁନ୍ଦର ଯେଣେ ଅଭିମତ ॥
ନିରତେ ଲୋକ ବାର୍ତ୍ତା ଶୁଣେ । ପୁଣି ନିଷ୍ଠୁରକୁ ଉନମଣେ ॥
ସନ୍ତତେ କଥା କହୁଥାଇ । ସ୍ୱଗୃହ କଥାରେ ମଜ୍ଜଇ ॥
କାହାକୁ ନଦଏ ସେ କିଛି । ନିରତେ କଳହକୁ ଇଚ୍ଛି ॥
ଏରୂପେ ପ୍ରେମ ଭାବ ଘେନ । ଧନ ବାଞ୍ଛନ୍ତି ସେହ୍ନୁ ବେନ ॥
ସନ୍ତାନ ନୋହିଁ ତାଙ୍କୁ ଜାତ । ଦୁଃଖୀ ସେ ଲଭନ୍ତି ବହୁତ ॥
ନରୁଚେ ଗୃହ ଅର୍ଥ କାମ । ଭଲି ହୁଅନ୍ତି ଚିତ୍ତେ ଭ୍ରମ ॥
ସଞ୍ଚିତ ଅର୍ଥେ ଦାନ ଜନ । ଗୋ ଭୂମି ହିରଣ୍ୟ ବସନ ॥
ଦିଅନ୍ତି ହୋଇ ଶୁଦ୍ଧ ଚିତ୍ତ । କଲେ ସେ ଅନେକ ସୁକୃତ
ଏରୂପେ ଧର୍ମ ମାର୍ଗ କର । ଧନରୁ ଅଧେ ଦେଲେ ସାର ॥
ତେବେ ସେ ସନ୍ତତି ନ ପାଇ । ରହିଲେ ଦୁଃଖେ ମଗ୍ନ ହୋଇ
ଏକ ଦିନେ ସେ ଦ୍ୱିଜବର । ଦୁଃଖରେ ତେଜି ନିଜ ପୁର
ବନସ୍ତେ ପ୍ରବେଶ ହୋଇଲା । ଏମନ୍ତେ ମଧ୍ୟାହ୍ନ ହୋଇଲା ॥
ତୃଷାରେ ଅତି ଆର୍ତ୍ତ ହୋଇ । ତଡାଗେ ମିଳିଲାକ ଯାଇ ॥

ତହୁଁ ଜଳକୁ ପାନ କର । ସନ୍ତତ ଦୁଃଖ ମନେ ଧର ॥
ବସନ୍ତେ ଦୃଢ଼ ଭାବ ବନ୍ଧ । ସନ୍ୟାସି ଏକ ମିଳେ ତହିଁ ॥
ସେ ଯତି ଜଳ ପାନ କଲେ । ବ୍ରାହ୍ମଣ ତା ପାଶେ ମିଳିଲେ
ଚରଣେ କରି ନମସ୍କାର । ସମ୍ମୁଖେ ଉଭା ଦ୍ୱିଜବର ।୬୩॥

ଯତିରୁବାଚ ।

ଯତି ପୁଛଇ ବ୍ରାହ୍ମଣକୁ । କିପା କରୁଛ ରୋଦନକୁ ॥ ୬୪
ହେ ବିପ୍ର କି ଚିନ୍ତା ତୋହର । ହୋଇଛୁ ଅତି ବଳିଆର
ଆପଣା ଦୁଃଖର କାରଣ । ସତ୍ୱରେ କହ ହେ ବ୍ରାହ୍ମଣ ॥

ବ୍ରାହ୍ମଣଉବାଚ ।

ବ୍ରାହ୍ମଣ ବିନତକ ବହି । ସେ ଯତି ଅଗ୍ରତେ କହଇ ୬୫
ହେ ଯତି କି କହିବି ମୁହିଁ । ପୂର୍ବ ପାପୁ ଏ ଦୁଃଖ ହୋଇ
ମୋହର ପୂର୍ବ ପିତୃମାନେ । ଦୁର୍ଲ୍ଲଭ ଏହୁ ଯେନ ମନେ ॥
ମୁ ଦେବା ଜଳ ଭ୍ରଷ୍ଟ କରି । ନିଷ୍କାମେ ପିଅନ୍ତି ବିସ୍ମର ॥
ଦେବ ଦ୍ୱିଜାଦିମାନେ ମୁହିଁ । ଦେବାର ନଯୋଜନ୍ତି କେହି
ସନ୍ତତ ଦୁଃଖରେ ପ୍ରାଣକୁ । ତେଜିବି ଅଇଲି ବନକୁ ॥
ଜୀବନ ଧନ ଗୃହ କୁଳ । ସନ୍ତାନ ବିନା ଏ ବିଫଳ ॥
ଯେବଣ ଔଧନ୍ ମୁ ପାଳିବି । କି ଅବା ବୃକ୍ଷକୁ ସେପିବି ॥
ମୋର ଦୁଷ୍କର୍ମ୍ମ ସେହିମାନେ । ବନ୍ଧ୍ୟା ହୁଅନ୍ତି ଯେନମନେ
ଯେ ଫଳ ମୋ ଗୃହେ ଆସିବ । ସେ ଶିଘ୍ରେ ଶୁଷ୍କ ହୋଇଯିବ
ସୌଭାଗ୍ୟ ସନ୍ତତି ବିହୀନ । ମୋ ଜୀବେ ନାହି ପ୍ରୟୋଜନ ॥
ଏମନ୍ତ କହି ଯତି ପାଶେ । ଦୁଃଖେ ପୀଡିତ ସେ ବିଶେଷେ
ଉଚ୍ଚରେ ରୋଦନ ବିହିଲା । ତା ଦେଖି ଯତି ଦୟା କଲା ॥
ସେ ଯତି ଯୋଗଧ୍ୟାନ କଲେ । ତା ଭାଲ ଅକ୍ଷର ଜାଣିଲେ
ସମସ୍ତ ଜାଣି ସେହୁ ଯତି । ବିପ୍ରକୁ କହିଲେ ଭାରତି ॥

ଯତିରୁବାଚ ।

ହେ ବିପ୍ର ତୁମ୍ଭର ଅଦୃଷ୍ଟ । ମୁହିଁ ଦେଖିଲି କରି ସ୍ପଷ୍ଟ ॥
ସପତ ଜନ୍ମ ପରଯନ୍ତେ । ତୋ ପୁତ୍ର ନୋହେ କଦାଚିତେ
ସନ୍ତାନ ଅଜ୍ଞାନକୁ ତେଜ । ବଳିଷ୍ଠ କର୍ମଗତି ହେଜ ॥
ଏଣୁ ବିବେକ ଆଶ୍ରେ କର । ସଂସାର ବାସନାରୁ ତର ॥
ସଗର ଅଙ୍ଗଗଜ ବେନ । ପୂର୍ବରେ ଏ ସନ୍ତତି ଘେନ ॥
ପାଇଲେ ବହୁ ରୂପେ ଦୁଃଖ । ଏରୂପେ ସନ୍ତାନରୁ ସୁଖ
କୁଟୁମ୍ବ ଆଶ ଏଣୁ ମୁଞ୍ଚ । ସନ୍ୟାସ କରି ସୁଖ ସଞ୍ଚ ।୮॥

ବ୍ରାହ୍ମଣଉବାଚ ।

ଶୁଣି ବ୍ରାହ୍ମଣ ସେ ଯତିଙ୍କି । କହିଲା ବହୁ ବିନତିକି ॥
କିସ ହୋଇବ ବିବେକରେ । ପୁତ୍ରକୁ ଦିଅ ଦୟା ଭରେ ॥
ନୋହିଁଲେ ଶୋକେ ତୁମ୍ଭ ଅଗ୍ରେ । ପ୍ରାଣ ମୁଁ ହସାଇବ ଶୀଘ୍ରେ
ପୁତ୍ରାଦି ସୁଖ ଯେଣୁ ଦିନ । ସନ୍ୟାସ ଶୁଷ୍କ ବୋଲି ଜାଣ ॥
ପୁତ୍ର ପୌତ୍ରାଦିର ସହିତ । ଗୃହସ୍ଥ ସରସ ଏ ଖ୍ୟାତ ॥
ବ୍ରାହ୍ମଣ ଆଗ୍ରହ ବଚନ । ଶୁଣି କହିଲେ ତପୋଧନ ।୯୪॥
ବିଧାତା ପ୍ରତିକୂଳ ହେବୁ । ଯେସନେ ନୃପ ଚିତ୍ରକେତୁ ॥
ଅତ୍ୟନ୍ତ କଷ୍ଟକୁ ପାଇଲେ । ତେସନ ଦୈବ ସୁତ କୁଳେ
ତୋ ସୁଖ ନୋହିଁବ ପୁତ୍ରରେ । ଏଣୁ ପଡିଛ ବଳାତ୍କାରେ
ମୋର ଯେ ଅର୍ଥି ହେଲ ତୁମ୍ଭେ । ସମର୍ଥ କି ଦେବାକୁ ଆମ୍ଭେ
ଦ୍ୱିଜଙ୍କ ଆଗ୍ରହ ଦେଖିଣ । ଏକ ଫଳକୁ ତତକ୍ଷଣ ।୯୯॥
ଦେଇଣ ବୋଇଲେ ଭାର୍ଯ୍ୟାକୁ । ଭକ୍ଷଣ କରାଅ ଫଳକୁ
ଏଫଳ ଭକ୍ଷଣରୁ ସୁତ । ଜନ୍ମିବ ହୋଇବ ପ୍ରାପତ ।୧୦୧॥
ସତ୍ୟ ଶଙ୍କଚ ଦାନ ଦିନ୍ତା । ଏକ ଭୋଜନ ତୁମ୍ଭ ପ୍ରିୟା ॥

ବରଷ ପର୍ଯ୍ୟନ୍ତେ କରିବେ । ତେଣୁ ସୁପୁତ୍ରକୁ ଲଭିବେ ।
ଏମନ୍ତ କହି ଯୋଗୀ ଗଲେ । ବ୍ରାହ୍ମଣ ଗୃହକୁ ଆଇଲେ ।
ପତ୍ନୀକି ନେଇ ଫଳ ଦେଲେ । ବ୍ରାହ୍ମଣ କେଉଁ ଆଡେ ଗଲେ
କୁଟିଳା ତାହାର ତରୁଣୀ । ସଖି ଆଗରେ କାନ୍ଦେ ପୁଣି ।
ମୋର ଏ ଚିନ୍ତା ହେଲା ଗାଢ । ଫଳ ନ ଭୁଞ୍ଜେ କଦାଚିତ
ଫଳ ଭକ୍ଷଣେ ଗର୍ଭ ହେବ । ଏ ପେଟ ଓଦର ବଢ଼ିବ ।
ଅଳପ ଭୋଜନକୁ ଅସାମର୍ଥ୍ୟ । ହୋଇବ ଏ ମୋହର ତଥ୍ୟ
ସକଳ ଏହି ମୋର ଗୃହ । କାର୍ଯ୍ୟକୁ କେ କରିବ କହ ।
ଦୈବ ବଶରୁ ଏ ଗ୍ରାମରେ । ଯାଉଛ ପଡନ୍ତେ ବେଗରେ
କେମନ୍ତେ ଯିବି କହ ସହି । ଗର୍ଭିଣୀ ଯେବେ ହେବି ମୁହି
ଏ ଗର୍ଭ ଶୁକଙ୍କ ପରାଇ । ରହିଲେ ତେଜିବି ମୁ ଦେହି ।
ଏ ଗର୍ଭ ଖସିଲେ ବନରେ । ମରିବି ମୁହିଁ ସେକ୍ଷଣରେ ॥
ପ୍ରସବ ଦୁଃଖକୁ ନକର । ସହିବି ମୁ ଯେଣୁ କୁମାରୀ ।
ମୁ ମନ୍ଦ ହୁଅନ୍ତେ କେବଳ । ଅନାଦା ହରିବ ସକଳ ।
ସତ୍ୟ ଶଙ୍କର ଅବଧି । କେବେହେ ନୋହିଁବ ଆବଧି
ପୋଷିବ ସ୍ତିରର ଲଳନ । ପାଳନ ଅତ୍ୟନ୍ତ ଗହନ ।
ବିଧବା ବନ୍ଧ୍ୟା ନାରୀମାନେ । ଏ ସୁଖ ବୋଲି ଯାଣି ମନେ
ଏରୂପେ କହି କୋପ ଭଣି । ସେ ଫଳ ନଭକ୍ଷିଲା ପୁଣି ।
ପତି ପୁଛନ୍ତେ ସେ ଫଳକୁ । ଭକ୍ଷିଲି ବୋଲି କହେ ତାକୁ
ଧନେକ ଗୃହକୁ ଭଗିନୀ । ଆସନ୍ତେ ସ୍ୱଇଚ୍ଛାକୁ ଘେନି ।
ମୋହର ବଡ ଚିନ୍ତା ହେଲା । ବୋଲଇ ଅଗ୍ରରେ କହିଲା ।
ଏ ଦୁଃଖେ ଦୁର୍ବଳ ମୋ ଦେହ । ହେ ଭଗ୍ନୀ କି କରିବ କହ
ଶୁଣି କହନ୍ତି ଭଗ୍ନୀ କହ । ଗର୍ଭକୁ ବହି ଅଛୁ ମୁହିଁ ।
ପ୍ରସବ ହେଲେ ମୋ ନନ୍ଦନ । ତୁମ୍ଭଙ୍କୁ ଦେବି ମନେ ଘେନ
ସେ କାଳ ପର୍ଯ୍ୟନ୍ତେ ଗୃହରେ । ଗର୍ଭିଣୀ ପରାଏ ଗୁପ୍ତରେ

ସୁଟଖଣ ଥାଅ ତୁ ନିଶ୍ଚିନ୍ତେ । ଏମନ୍ତ ଯୋଗାଉଛୁ ମୋତେ
ମୋହର ପତିଙ୍କ ରୁ ଧନ । ଦଅ ସେ ଦେବେ ପୁତ୍ର ଦାନ
ଛ ମାସ ଗର୍ଭ ହେଲା ନାଶ । ମୋ ପତି କରବେ ପ୍ରକାଶ ॥
ନତ୍ୟରେ ଆସି ତୋ ଗୃହକୁ । ଖିର ମୁ ଦେବ ସେ ପୁତ୍ରକୁ
ଏ କଥା ସତ୍ୟ ବୁଝିବାକୁ । ଧେନୁକୁ ଖୁଆଅ ଫଳକୁ ॥
ସେ କଥା ସେହି ରୂପେ ସବୁ । କଲା ସେ ସ୍ତ୍ରୀରଙ୍କ ସ୍ୱଭାବୁ
ଏ ଅନ୍ତେ କାଳବଶୁ ସୁତ । ହେଲା ତା ଭଗ୍ନୀ ଗର୍ଭୁ ଜାତ
ତା ପତି ଗୁପତେ ଆଣିଲା । ସେ ପୁତ୍ର ଧୁନ୍ଦଳୀକି ଦେଲା ॥
ଧୁନ୍ଧୁଳୀ ଭର୍ତ୍ତାଙ୍କୁ କହିଲା । ସୁଖେ ମୋ ପୁତ୍ର ଜନ୍ମ ହେଲା
ଯତିଙ୍କ ଅନୁଗ୍ରହ ବଳେ । ଲୋକର ସୁଖ ହେଲା ଭଲେ ॥
ସେ ଦ୍ୱିଜ ଜାତ କର୍ମ କଲା । ବ୍ରାହ୍ମଣେ ବହୁ ଦାନ ଦେଲା
ଉତ୍ସବ ନାନାବାଦ୍ୟ ଗୀତ । ମଙ୍ଗଳ ହୋଇଲା ବହୁତ ॥
ଧୁନ୍ଧୁଳୀ ଭର୍ତ୍ତାକୁ କହଇ । ମୋହର ସ୍ତନେ କ୍ଷୀର ନାହିଁ ॥
ଆନ ଦୁଗ୍ଧରେ ଏହୁ ସୁତ । ପୋଷଣ କରବ କେମନ୍ତ ॥
ମୋ ଭଗ୍ନୀ ମୃତଗର୍ଭ ହୋଇ । ରହିଛି ବାଳକ ନ ପାଇ ॥
ଡାକଣ ରଖ ଘରେ ତାକୁ । ପୋଷିବ ସେ ତୁମ୍ଭ ପୁତ୍ରକୁ ॥
ପୁତ୍ର ପୋଷଣ ଲାଗି ତହିଁ । ତା ପତି କଲା ସନମତ ୧୪୪
ପୁତ୍ରକୁ ଧୁନ୍ଧୁକାରୀ ନାମ । ଜନନୀ ଦେଲା ବହି ପ୍ରେମ ॥
ତଦନ୍ତେ ତିନମାସ ଗଲା । ତାଙ୍କୁ ସଂସ୍କାର ଆପେ କଲା ॥
ଜନେ ଯେ ଆଶ୍ଚର୍ଯ୍ୟ ବହିଲେ । ଦେଖିବା ଇଚ୍ଛାରେ ଅଇଲେ
ସେ ଧେନୁ ପୁତ୍ର ପ୍ରସବିଲା । ତା ଦେଖି ବିପ୍ର ସନ୍ତୋଷ ହେଲା
ସେ ତନୟ ସର୍ବାଙ୍ଗ ସୁନ୍ଦର । ନିର୍ମଳ କନକ ଗଉର ॥
ସ୍ୱହଁ ବୋଲନ୍ତି ଭାଗ୍ୟ ଜାତ । ହୋଇଲା ଦ୍ୱିଜର ଦେଖତ
ଧେନୁରୁ ଜାତ ଏ ବାଳକ । ଦେବତା ରୂପି ଏ କୌତୁକ
ବିଧି ବଶରୁ ଏ ସୁପତ । ତଦିତ ନୋହିଲା ବିଖ୍ୟାତ ॥
ଦେଖିଣ ଗୋ ସମ କର୍ଣ୍ଣକୁ । ଗୋକର୍ଣ୍ଣ ନାମ ଦେଲେ ତାକୁ

ସେ ବେନି ସୁତେ କେତେ କାଳେ । ତରୁଣ ଅବସ୍ଥା ଦେଖିଲେ
ଗୋକର୍ଣ୍ଣ ନାମେ ଯେଉଁ ସୁତ । ହୋଇଲା ସୁଜ୍ଞାନ ପଣ୍ଡିତ
ଧୁନ୍ଧୁକାରୀ ନାମ ନନ୍ଦନ । ସତ୍ୟ ଶଉଚ କର୍ମ ହୀନ ୧୫୯
ଅତ୍ୟନ୍ତ ମହା ଖଳ ହେଲା । ଅଭକ୍ଷ ଭକ୍ଷଣକୁ କଲା ।
କ୍ରୋଧ ଦୁଷ୍ଟରଗ୍ରହ କାରୀ । ଭୁଞ୍ଜଇ ବାମ ହସ୍ତେ ଧରି ।
ସର୍ବ ଜନରେ ଦ୍ୱେଷ କରେ । ସ୍ୱୈର ବୃତ୍ତିରେ ଦ୍ରବ୍ୟ ହରେ
ସେ ମୂଢ଼ ଅନଳ ଲଗାଇ । ପର ମନ୍ଦିରକୁ ଦହଇ ।୧୬୦।
ଲଳନା କରି ସୁତଗଣ । କୂପରେ ପକାଇ ତକ୍ଷଣ ।୧୬୧।
ହିଂସା ଅର୍ଥରେ ଶସ୍ତ୍ର ଧରେ । ଦୀନ ଅନ୍ଧକୁ ପୀଡା କରେ ।
ଚଣ୍ଡାଳ ସଙ୍ଗତ ନିତ୍ୟରେ । ପାଶକୁ ଧରି ଜୀବ ମାରେ ।
କୁକ୍କୁର ଦବା ଦଶି ତାର । ସଙ୍ଗତେ କରଇ ସଞ୍ଚର ।
ବେଶ୍ୟା ସଙ୍ଗରେ ହୋଇ ମତ୍ତ । ନାଶିଲା ପିତାଙ୍କର ବିତ୍ତ ।
ପିତା ମାତାଙ୍କୁ ଦନେ ମାରି । ଗୃହରୁ ଧନ ନେଲା ହରି ।
ପିତା ତା ସ୍ୱଭାବେ କୃପଣ । ଯେଣୁ ହୋଇଲା ଧନ ହୀନ ।
ଉଚ୍ଚରେ ରୋଦନକୁ କଲା । ଏମନ୍ତ ବଚନ କହିଲା ।
କୁପୁତ୍ର ହେଲେ ଦିଏ ଦୁଃଖ । ପୁତ୍ର ନୋହିଲେ କହୁ ସୁଖ
କେବଣ ଠାବେ ମୁ ରହିବି । କେଉଁ ସ୍ଥାନକୁ ମୁହିଁ ଯିବି ।
କେ ମୋର ଦୁଃଖକୁ ଫେଡିବ । ତେଣୁ ମୁ ତ୍ୟଜିବ ଏ ଜୀବ
ହା କଷ୍ଟ ହେଲା ଉପସ୍ଥିତ । ଏରୂପେ କାନ୍ଦିଲା ବହୁତ ।
ସେ କାଳେ ସୁଜ୍ଞାନ ପଣ୍ଡିତ । ଗୋକର୍ଣ୍ଣ ହେଲେ ଉପସ୍ଥିତ
ବୈରାଗ୍ୟ ଦେଖାଇ ପିତାଙ୍କୁ । ବୋଧି କହିଲେ ବଚନକୁ
ହେ ତାତ ସଂସାର ଅସାର । ଏ ଦୁଃଖ ରୂପ ମୋହ କର ।
କେ ସୁତ କାହାର ଏ ଧନ । ସଂସାରେ ନାହିଁଟି ପ୍ରମାଣ ।
ଯେ ପୁଣି ସ୍ନେହଯୁକ୍ତ ହୁଏ । ଜ୍ୱଳନ ତାହାର ନଷ୍ଟହୁଏ
ଯେ ନୃପ ଚକ୍ରବର୍ତ୍ତୀ ହୋଇ । ତାହାର କିଛି ସୁଖ ନାହିଁ ।

ସକଳ ନର ନାଥ ଯେହୁ । ହେବ ତା ସୁଖ ଅବା କାହୁଁ ।
ସଂସାରେ ବୈରାଗ୍ୟକୁ ବହ । ଏକାନ୍ତେ ରହ ବର୍ତ୍ତି ଥାଇ ।
ଏମନ୍ତେ ମୁକ୍ତି ନେ ତାହାର । ସୂକ୍ଷ୍ମ କେବଳ ମନେ କର
ଛାଡ଼ ସନ୍ତାନର ମୋହକୁ । ମୋହରୁ ଯାଇ ନରକକୁ ।
ଏ ଦେହ ଅବଶ୍ୟ ପଡ଼ିବ । ବନକୁ ଯାଅ ତେଜି ସର୍ବ ।
ଗୋକର୍ଣ୍ଣ ବଚନ କର୍ଣ୍ଣରେ । ଘେନ କହିଲା ପିତା ଧୀରେ ।
ହେ ବାବୁ କି କରିବ ବନେ । ଏ ତତ୍ୱ କହ ଶୁଦ୍ଧ ମନେ
ଅତ୍ୟନ୍ତ ଶଠ ପଙ୍ଗୁ ମୂର୍ଖ । ସ୍ନେହ ପାଶରେ ବନ୍ଧ ହୋଇ
ଆପଣା ଅର୍ଜିତ କର୍ମରେ । ପଡ଼ିଲି ଏ ଅନ୍ଧ କୂପରେ ।
ହେ ପୁତ୍ର ତୁହି ଦୟାନିଧି । ଉଦ୍ଧର ଦେଇ ଜ୍ଞାନ ବୁଦ୍ଧି ।

ଗୋକର୍ଣ୍ଣଉବାଚ ।

ଗୋକର୍ଣ୍ଣ ତାତ ବାକ୍ୟ ଶୁଣି । କହଇ ସ୍ୱନଶ୍ଚଳ ବାଣୀ
ରୁଧିର ଅସ୍ଥି ମାଂସ ଯୁକ୍ତ । ଦେହରେ ଛାଡ଼ ଅଭିମତ ।
ଭାର୍ଯ୍ୟା ତନୟ ଧନାଦିରେ । ମମତା ଛାଡ଼ ବନ୍ଧନରେ ।
କ୍ଷଣ ଭଙ୍ଗୁର ଏ ଜଗତ । ଦେଖି ବୈରାଗ୍ୟେ ହୁଅ ଶକ୍ତ ।
ଭକ୍ତିରେ ଅତି ନିଷ୍ଠା କର । ଏ ମାୟା ମୋହକୁ ପାସୋର
ଭଜ ସନ୍ତତରେ ଧର୍ମକୁ । ତେଜ ଏ ସଂସାର କର୍ମକୁ ।
ସାଧୁ ଚରଣେ ସେବା କର । କାମ ତୃଷ୍ଣାକୁ ପରିହର ।
ପର ଦୋଷ ଗୁଣ ଚିନ୍ତନ । ହେ ତାତ ତେଜଣ ବହନ ।
ଶ୍ରୀହରି ସେବା କଥା ରସ । ପାନ କରଣ ହୁଅ ତୋଷ ।
ଏମନ୍ତ ପୁତ୍ର ବଚନରେ । ଗୃହକୁ ତେଜଣ ସତ୍ୱରେ ।
ଷଷ୍ଟି ବରଷ ସେ ବ୍ରାହ୍ମଣ । ମତକ ସ୍ଥିର କରି ପୁଣ ।
ହରି ସେବାରେ ପ୍ରତି ଦିନ । ନିଯୁକ୍ତ କରି ନିଜ ମନ ।
ଦଶମସ୍କନ୍ଧ ପଠନରେ । ମଜ୍ଜିଲା ଶ୍ରୀକୃଷ୍ଣ ପଦ୍ମରେ ।୨୦୧।

ସୁଜନେ ହେବ ମାର୍ଗେ ସ୍ଥିର । ଭଣିଲେ ପଦ୍ମନାଭ ଦେବ ॥

ଇତି ଶ୍ରୀ ପଦ୍ମପୁରାଣେ ଉତ୍ତରଖଣ୍ଡେ ଶ୍ରୀଭାଗବତ ମହାତ୍ମ୍ୟ ନିରୂପଣେ ବିପ୍ର ମୋକ୍ଷଣେ ନାମ ଚତୁର୍ଥୋଽ ଅଧ୍ୟାୟଃ ।

ପଞ୍ଚମ ଅଧ୍ୟାୟ ॥

ସୂତଉବାଚ ।

କହନ୍ତି ସୂତ ମହାମୁନି । ଶୁଣ ଶୌନକ ମହା ଜ୍ଞାନି ।୧।
ପିତାର ମରଣର ଅନ୍ତେ । ସେ ଧୁନ୍ଧୁକାରି ଜେ ଏକାନ୍ତେ ।
ମାତାକୁ ବଜନ୍ତି କରଣ । କହଇ ହେ ଜନନୀ ଶୁଣ ।୩।
ପିତା ଅର୍ଜିତ ଧନ ଯେତେ । କାହିଁ ରଖିଛୁ କହ ମୋତେ
ସେ ଦ୍ରବ୍ୟ କରିଥିଲେ ବ୍ୟୟ । ତୋତେ ମୁ ମାରିବ ନିଶ୍ଚୟ
ଏମନ୍ତ ପୁତ୍ର ବାଣୀ ଶୁଣି । ଭୟ ଦୁଃଖ ଲଭି ବ୍ରାହ୍ମଣୀ ୬ ।
ରାତ୍ରରେ କୂପରେ ପଡିଲା । ତେଣୁ ସେ ପ୍ରାଣକୁ ଛାଡିଲା ।
ଏଥୁ ଅନ୍ତରେ ସେ ଗୋକର୍ଣ୍ଣ । ତୀର୍ଥ ଯାତ୍ରାକୁ ବାହାରିଣ ।
ଯୋଗ ଜ୍ଞାନକୁ ମନେ ଧରି । ମିତ୍ର ଅରିର ସମ କରି ।
ସୁଖ ଦୁଃଖକୁ ସମ ମଣି । ତୀର୍ଥରେ କଲେ ସେ ଭ୍ରମଣି ।
ଏଥୁ ଅନ୍ତରେ ଧୁନ୍ଧୁକାରି । ଗୃହରେ ପଞ୍ଚ ବେଶ୍ୟା ଧରି
ରହିଲା ଉଗ୍ର କର୍ମ କରି । ବେଶ୍ୟା ପୋଷଣ ମନେ ଧରି ।
ଧନେ ସଞ୍ଚିଲା ମାନସେଣ । ବେଶ୍ୟାଙ୍କୁ ଦେବ ଆଭରଣ ।
ଆପଣା ମୃତ୍ୟୁ ନ ବିଚାରି । କାମରେ ହୋଇ ଅନ୍ଧ ପରି ।

ଦ୍ରବ୍ୟ ହରଣ ଅନନ୍ତରେ । ଗୃହରୁ ବାହାରିଲେ ଥରେ ।
ସେବଇ ଏଣୁ ତେଣୁ ଭଣ୍ଡ । ଗୃହଦରେ ହେଲା ଉପଗତ ।
ଅନେକ କନକ ଭୂଷଣ । ବେଶ୍ୟାଙ୍କୁ ଦେଲା ସେ ତୋଷଣ
ସେ ବହୁ ଦ୍ରବ୍ୟ ଦେଖି ଗତ୍ରେ । ବେଶ୍ୟାଏ ବିସ୍ମରଲେ ଚିତ୍ତେ
ନିତ୍ୟେ ଏ କରୁଅଛି ଚୋର । ରଜା ଦଣ୍ଡିବେ ହେଲେ ଧର ।
ଏହାକୁ ପ୍ରାଣରେ ମାରିବେ । ଆମ୍ଭର ଦ୍ରବ୍ୟ ହର ନେବେ
ଏ ଯେତେ ଦ୍ରବ୍ୟ ରକ୍ଷଣକୁ । କରିବା ମାରଣ ତାହାକୁ ।
ସକଳ ଦ୍ରବ୍ୟ ଗୁପ୍ତେ ଧରି । ପଳାଇ ଯିବା ଆନ ପୁରୀ ।
ଏମନ୍ତେ ବିଚାରଣ ମନେ । ଶଯ୍ୟାକୁ କାଳେ ଏକ ଦିନେ ।
ରଜ୍ଜୁରେ ବାନ୍ଧଣ ତାହାକୁ । କଣ୍ଠରେ ଲଗାଇ ପାଶକୁ ।
ଏରୂପେ ମାରଣ ଉପାୟ । ଅନେକ କଲେ ବେଶ୍ୟାଚୟ ।
ବେଗରେ ସେହୁ ନ ମରନ୍ତେ । ବେଶ୍ୟାଏ ଚିନ୍ତା କଲେ ଚିତ୍ତେ
ଅନେକ ଅଗ୍ନି ବେଗେ ଆଣି । ତୁଣ୍ଡରେ ଭରି ଦେଲେ ପୁଣି
ସେ ଅଗ୍ନି ଲାଗି ଦୁଃଖି ହେଲା । ଆକୁଳେ ପ୍ରାଣ ବିସର୍ଜିଲା ।
ଅତି ଯାହାଯେ ବେଶ୍ୟା ମାନେ । ସେ ଶବ ପୋତିଲେ ଯତନେ
ସେ କାଳେ ଏହି ଗୁପ୍ତ କଥା । ଜଣା ନ ପଡ଼ିଲା ସର୍ବଥା ।
ଜନେ ପୁଛନ୍ତେ ସେ କହିଲେ । ଦୂରକୁ ଆମ୍ଭ ପ୍ରିୟ ଗଲେ
ଧନ ଅର୍ଜନ ଲାଗି ତେଣେ । ଆସିବେ ବରଷକ ଅନ୍ତେ ।
ଏ ହେତୁ ସୁପଣ୍ଡିତ ନର । ଯେ ବ୍ୟଭିଚାର ନାରୀଙ୍କର ।
ବିଶ୍ୱାସ କେବେ ନ ଦେହବ । ଯେହେନଲେ ନଷ୍ଟେ ନାଶଯିବ
କାମିନୀମାନଙ୍କର ଗିର । ରସ ବର୍ଦ୍ଧନ କାମୀଙ୍କର । ୩୫ ।
ଅମୃତ ପରାୟେ ସ୍ରବଇ । ଅତନ୍ତ ମାଧୁର୍ଯ୍ୟକୁ ବହି ।
ହୃଦୟ ତାଙ୍କ କ୍ଷୁର ଧାର । କେ ପ୍ରିୟ ଅଛି ନାରୀଙ୍କର ।
ସେ ବେଶ୍ୟାଗଣ ସେହୁ ଧନ । ସମସ୍ତ ସଂଗ୍ରହ କରଣ ।
ଅନ୍ୟ ଦେଶକୁ ପଳାଇଲେ । ନିଶ୍ଚିନ୍ତ ହୋଇଣ ରହିଲେ

ଏ ଅନ୍ତେ ସେହୁ ଧୂନ୍ଧୁକାର । ବହୁତ କୁକର୍ମ ଆଚର ॥
ପ୍ରେତ ସ୍ୱରୂପକୁ ଧଇଲା । ସେ ବାତଚକ୍ର ରୂପ ହେଲା ॥
ଦଶ ଦିଗରେ ନିରନ୍ତର । ଧାଇଁଲା ଅତି ଖର ତରେ ॥
ଶୀତ ଖରାରେ ଦୁଃଖି ହୋଇ । କ୍ଷୁଧା ତୃଷାକୁ ଦେହେ ବହି
ଦୈବକୁ ନିନ୍ଦେ ପୁଣ ପୁଣ । କାହିଁ ନ ପାଇଲା ଶରଣ ॥
ଗୋକର୍ଣ୍ଣ କେତେ କାଳ ଅନ୍ତେ । ଭ୍ରାତାର ମରଣ ଶୁଣନ୍ତେ
ଅନାଥ ଜାଣି ସେ ଦୟାରେ । ଶ୍ରାଦ୍ଧ କରାଇଲେ ଗୟାରେ
ଯେତେକ ତୀର୍ଥରେ ମିଳନ୍ତି । ତା ନାମେ ପିଣ୍ଡ ଦାନ ଦେନ୍ତି
ଏରୂପେ ଭ୍ରମି ସେ ଗୋକର୍ଣ୍ଣ । ପୁରକୁ କଲେ ଆଗମନ ॥
ଆପଣା ଘର ଅଗଣାରେ । ଶୟନ କଲେ ସେ ରାତ୍ରରେ ॥
ତହିଁ ଇତର ଜନମାନେ । ତାଙ୍କୁ ନ ଦେଖିଲେ ନୟନେ
ସେ ଧୁନ୍ଧୁକାର ଗୋକର୍ଣ୍ଣକୁ । ଜାଣିଣ କରନ୍ତୁ ନିଦ୍ରାକୁ ॥
ଅତ୍ୟନ୍ତ ରୌଦ୍ର ଶରୀରକୁ । ନିଶାର୍ଦ୍ଧେ ଦେଖାଏ ତାହାଙ୍କୁ
କେତେବେଳେ ସେ ମେଷରୂପ । କେତେବେଳେ ହସ୍ତୀସ୍ୱରୂପ
ଥରେ ମହିଷି ରୂପଧର । କେତେ ବେଳେ ଇନ୍ଦ୍ରଙ୍କ ପର
ଥରେ ସେ ଇନ୍ଦ୍ର ସମ କ୍ରୋଧ । ପୁଣି ସେ ପୁରୁଷ ଆକୃତ
ଦେଖି ଏମନ୍ତ ବିପରୀତ । ଗୋକର୍ଣ୍ଣ ଧୈର୍ଯ୍ୟର ସହିତ ॥
ହୋଇ ଭାଳିଲେ ସେ ମନରେ । ଏହୁ କେ ଦୁର୍ଗତିକ ଧରେ
ଏରୂପେ କରି ନିଶ୍ଚୟକୁ । ବଚନ ରଚିଲେ ତାହାକୁ ॥

ଗୋକର୍ଣ୍ଣଉବାଚ ।

ରାତ୍ରରେ କେଉଁ ଉଗ୍ରମୂର୍ତ୍ତି । ଦେଖାଇ କରୁଅଛୁ ଭୀତ ॥
କି ପାପ କର୍ମର ଦୁଃଖରେ । ଏ ଦଶା ପାଇଲୁ ସଂସାରେ ॥
ପ୍ରେତ ପିଶାଚ କି ରାକ୍ଷସ । ସତ୍ୟରେ ଆମ୍ଭଙ୍କୁ ତୁ ଭାଷ ॥

ସୂତଉବାଚ ।

ସୂତ କହନ୍ତି ଶୌନକଙ୍କରେ । ଶୁଣ ଏକ ଚିତ୍ତେ ମୋଦରେ
ଏରୂପେ ପୁଚ୍ଛନ୍ତେ ଗୋକର୍ଣ୍ଣ । ଉଚ୍ଚେ କାନ୍ଦିଲା ପୁଣ ପୁଣ ॥
କଥା ଉଚ୍ଚାରଣେ ଅଶକ୍ତ । ତେଣୁ କହିଲା ସଂଜ୍ଞା ମାତ୍ର ॥
ଶୁଣି ଗୋକର୍ଣ୍ଣ ଜଳାଞ୍ଜଳି । ଫିଙ୍ଗିଲେ ତାହା ପରେ ତୋଳି
ସେ ଜଳ ପଡ଼ି ପାପ ନାଶି । ବଚନ କହିଲା ବିଶେଷି ॥

ପ୍ରେତଉବାଚ ।

ମୁହିଁ ତୁମ୍ଭର ଜ୍ୟେଷ୍ଠ ଭ୍ରାତ । ମୋ ନାମ ଧୁନ୍ଧୁକାରି ଖ୍ୟାତ
ନିଜ ଇଚ୍ଛାରେ କରି ଦୋଷ । ମୋର ବ୍ରହ୍ମତ୍ୱ କଲି ନାଶ ॥
ମୋ ପାପ କର୍ମ ସଂଖ୍ୟା ନାହିଁ । ରହିଛି ଅଜ୍ଞାନକୁ ବହି ॥
ମୁଁ ସର୍ବ ଲୋକଙ୍କ ହିଂସାକାରି । ବେଶ୍ୟାଙ୍କ ହସ୍ତେ ପ୍ରାଣହାରି
ଏ ଘେନ ପ୍ରେତ ତନୁ ବହି । ଲଭିଛି ଏ ଦୁର୍ଦ୍ଦଶା ମୁହିଁ ॥
ଧାତା ଆଜ୍ଞାରେ ମୋ ଜୀବନ । ଫଳ ପ୍ରାପତ କର୍ମାଧୀନ ॥
ହେ ଭ୍ରାତ କୃପାସିନ୍ଧୁ ତୁହି । ଉଦ୍ଧର ମୋତେ ଦୟା ବହି

ଗୋକର୍ଣ୍ଣଉବାଚ ।

ତୁମ୍ଭ ନିମନ୍ତେ ଗୟା କ୍ଷେତ୍ରେ । ପିଣ୍ଡ ମୁଁ ଦେଲି ବିଧିମତେ
ତେଣୁ ନୋହିଲ କିପା ମୁକ୍ତ । ଏ ଯେଣ ଆଶ୍ଚର୍ଯ୍ୟ ମୋ ଚିତ୍ତ
ଗୟା ଶ୍ରାଦ୍ଧରେ ମୁକ୍ତ ଯେବେ । ନୋହିଁଲ ଗତି ନାହିଁ କେବେ
ହେ ପ୍ରେତ ଏଥିକି ଉପାୟ । କହ ତୁ ନ କର ସଂଶୟ ॥

ପ୍ରେତଉବାଚ ।

ଏମନ୍ତେ ଗୋକର୍ଣ୍ଣଙ୍କ ବାଣୀ । ଶୁଣି ସେ ପ୍ରେତ ପୁଣ ଭଣି ॥
ଶତ ସଂଖ୍ୟାରେ ଗୟା ଶ୍ରାଦ୍ଧ । କଲେ ମୋ ମୁକ୍ତି ନୋହେ ସିଦ୍ଧ

ଏ ଯେଣ ଆନ ଉପାୟକୁ । ଅଚର ବସ୍ତୁର ମନକୁ ॥
ଏରୂପେ ତାର ବାକ୍ୟ ଶୁଣି । ଗୋକର୍ଣ୍ଣ ସବିସ୍ମୟେ ଭଣି ॥
ଶତ ଶ୍ରାଦ୍ଧରେ ଯେତା କଳୁଷ । ନୋହିଲା ଯହୁଁ ଏବେ ନାଶ
ଏଣୁ ସଂସାରୁ ତୋର ଗତି । ଅସାଧ ବୋଲି ଘେନ ମତି ॥
ଏବେ ତୁ ନିଜ ସ୍ଥାନେ ଯାଅ । ନିର୍ଭୟ ହୋଇ ରହି ଥାଅ
ତୋହର ମୁକ୍ତି ସାଧନକୁ । କରିବି ଉପାୟ ମାନଙ୍କୁ ॥୮୫॥
ଧୁନ୍ଧୁକାରି ଏ ବଚନକୁ । ଶୁଣିଣ ଗଲା ସ୍ୱ ସ୍ଥାନକୁ ॥
ଗୋକର୍ଣ୍ଣ ଏ ସର୍ବ ଚିନ୍ତିଲେ । ରାତ୍ରରେ ନିଦ୍ରା ନ ଲଭିଲେ
ପ୍ରଭାତୁ ଗୋକର୍ଣ୍ଣଙ୍କୁ ଦେଖି । ଜନେ ହୋଇଲେ ଅତି ସୁଖି
ଆସିଣ ପାଶରେ ବସିଲେ । କୁଶଳ ପୁଚ୍ଛାପୁଚ୍ଛି ହେଲେ ॥
ଧୁନ୍ଧୁକାରିର ଚରିତ୍ରକୁ । ଯେ ତାହା ଜାଣିଥିଲେ ତାକୁ ॥
କହିଲେ ସେ ସକଳ କଥା । ଶୁଣି ଗୋକର୍ଣ୍ଣ ପୋତେ ମଥା
ପଣ୍ଡିତେ ଯୋଗନିଷ୍ଠା ଜନେ । ଯେ ଜ୍ଞାନ ବ୍ରହ୍ମବାଦିମାନେ
ବହୁତ ଶାସ୍ତ୍ରକୁ ଖୋଲିଲେ । ତା ମୁକ୍ତି କେହି ନ ଦେଖିଲେ
ତେଣୁ ଯେ ସର୍ବେ ତାହା ମୁକ୍ତି । ସ୍ଥାପିତା ଅର୍ଥେ କଲେ ମତି
ସୂର୍ଯ୍ୟଙ୍କୁ ପ୍ରସନ୍ନ କରିବା । ସେ ଯାହା କହିବେ ପାଳିବା ॥
ଗୋକର୍ଣ୍ଣ ସୂର୍ଯ୍ୟଙ୍କ ବେଗକୁ । ସ୍ତମ୍ଭିଣ ଜଣାଇଲେ ତାଙ୍କୁ ॥
ହେ ଭବ ସାକ୍ଷୀ ଦିବାକର । ତୁମ୍ଭଙ୍କୁ ମୋର ନମସ୍କାର ॥
ଏ ଧୁନ୍ଧୁକାରିର ମୁକତି । କାରଣ କହ ଶ୍ରଦ୍ଧା ପତି ॥୯୮॥
ଶୁଣି ତା ପ୍ରଭୁ ଦିବାକର । ଦୂରୁ କହିଲେ ସ୍ଫୁଟ ଗିର ॥
ଶ୍ରୀ ଭାଗବତ ଶ୍ରବଣରେ । ମୁକତି ହେବ ତା ସତ୍ୱରେ ॥
ଏ ଯେଣ ସପ୍ତାହ ବିଧାନ । କର ହୋଇଣ ସାବଧାନ ॥
ଏମନ୍ତ ସୂର୍ଯ୍ୟଙ୍କର ବାଣୀ । ସମସ୍ତେ ମନ ଦେଇ ଶୁଣି ॥
ବୋଇଲେ ଯତ୍ନରେ ଏ କଥା । କରିବା ସୁଖରେ ସର୍ବଥା
ଗୋକର୍ଣ୍ଣ ନିଷ୍ଠମ୍ଭକୁ କଲେ । ଏ ଶାସ୍ତ୍ର ପାଠେ ପ୍ରବର୍ତ୍ତିଲେ ॥

ସେ କଥା ଶ୍ରବଣ ଅର୍ଥରେ । ଦେଶ ଗ୍ରାମରୁ ଜନେ ଖରେ
ଅଇଲେ ପୁଣି ପଙ୍ଗୁ ଅନ୍ଧେ । ଅତି ମୂରୁଖ ମହା ବୃଦ୍ଧେ ॥
ପାତକ ଜନ୍ତୁ କରିବାରେ । ଏମାନେ ଅଇଲେ ସତ୍ୱରେ ॥
ଏ ସଭା ହୋଇଲା ବିସ୍ତାରେ । ବୃଦ୍ଧ ଆଶ୍ଚର୍ଯ୍ୟ ହେଲେ ପୁରେ
ଯେବଣ କାଳେ ସେ ଗୋକର୍ଣ୍ଣ । ଆସନ ଉପରେ ବସିଣ ॥
କହିଲେ ଭାଗବତ ଶାସ୍ତ୍ର । ସେ କାଳେ ଆସି ସେହୁ ପ୍ରେତ
ସ୍ଥାନ ନ ଦେଖି ବସିବାକୁ । ଗୃହଂଲା ସମସ୍ତ ଦିଗକୁ ॥
ସେ ସ୍ଥାନେ ସପ୍ତଗ୍ରନ୍ଥି ଯୁକ୍ତ । ବଂଶକ ଦେଖିଲା ଉନ୍ନତ ॥
ତା ମୂଳ ପସି ରନ୍ଧ୍ରେ ଗଲା । ଶ୍ରବଣ ଇଚ୍ଛାରେ ରହିଲା ॥
ପବନ ରୂପ ଯେଣୁ ତାର । ମାନସେ କଲା ସେ ବିଚାର ॥
ବାତ ବହିଲେ ଉଡ଼ିଯିବ । ବାହାରେ ଯେବେ ମୁହିଁ ଥିବ
ଏ ଘେନ ବଂଶର ଅନ୍ତରେ । ରହିଲା ଛଉ ଅତି ସ୍ଥିରେ ॥
ଏଥୁ ଅନ୍ତରେ ସେ ଗୋକର୍ଣ୍ଣ । ପରମ ବୈଷ୍ଣବ ବ୍ରାହ୍ମଣ ॥
ମାନଙ୍କୁ ମୁଖ୍ୟ ଶ୍ରୋତାକରି । ପ୍ରଥମ ସ୍କନ୍ଧ ଆଦି ଧରି ॥
ସ୍ପଷ୍ଟରେ ବ୍ୟାଖ୍ୟାନ ସେ କଲେ । ଶ୍ରୋତାଏ ଶ୍ରବଣେ ମଜ୍ଜିଲେ
ଦିନାନ୍ତେ ସେ କଥା ରଖିଲେ । ତଦନ୍ତେ ଉତ୍ସବ ବହିଲେ
ସକଳ ଜନ ସନ୍ଥ ମାନେ । ଦେଖୁଁ ଅଛନ୍ତି ତୋଷମନେ ॥
ଶବଦ କରି ଏକ ଗଣ୍ଠି । ବାଂଶର ବେଗେ ଗଲା ଫୁଟି ॥
ଦ୍ୱିତୀୟ ଦିନର ଅନ୍ତରେ । ଦ୍ୱିତୀୟ ଗଣ୍ଠି ସେ ରୂପରେ ॥
ଶବଦ କରିଣ ଫୁଟିଲା । ଏମନ୍ତେ ସପ୍ତ ଗଣ୍ଠି ଗଲା ॥୧୬୪॥
ଏରୂପେ ସେହୁ ଧୁନ୍ଧୁକାରି । ଦ୍ୱାଦଶ ସ୍କନ୍ଧ ଶୁଣିକରି ॥
ପ୍ରେତ ଦେହରୁ ମୋକ୍ଷ ହେଲା । ଦିବ୍ୟ ରୂପକୁ ସେ ଧଇଲା
ତୁଳସୀ ମାଳାରେ ମଣ୍ଡିତ । ପୀତ ବସନରେ ସଂଯୁତ ॥
ନବୀନ ଘନ ଶ୍ୟାମ ମୂର୍ତ୍ତି । ମୁକୁଟ କୁଣ୍ଡଳ ସୁଦ୍ୟୋତି ॥
ଏରୂପେ ଦୃଶ୍ୟମିତ ହୋଇ । ଭ୍ରାତକୁ ବଚନ କହଇ ॥

ହେ ଭ୍ରାତ ତୁମ୍ଭେ ଦୟା ବହି । ପ୍ରେତ ଦୁଃଖରୁ କଲ ତ୍ରାହି
ଧନ୍ୟ ଏ ଭଗବତ ସାର । ମୋ ପ୍ରେତ ପୀଡ଼ା କଲ ଦୂର ॥
ବୈକୁଣ୍ଠ ବାସ ଫଳ ଦାଇ । ଧନ୍ୟ ଏ ସପ୍ତାହ ଅଟଇ ॥
ସପ୍ତାହ ହୁଅନ୍ତେ ଶ୍ରବଣ । ପାତକେ ବୋଲନ୍ତି କମ୍ପିଣ ॥
ଆମ୍ଭର ପ୍ରଳୟ ଏ କଥା । କରବ ଏକ୍ଷଣି ସର୍ବଥା ॥୧୩୪॥
ବଚନ ମାନସ କର୍ମରେ । ଜାତ ଜେ ହୁଅନ୍ତି ସଂସାରେ ॥
ଆଦ୍ର ଶୁଷ୍କ ଲଘୁ ସ୍ଥୁଳ । ଏମନ୍ତ ପାତକର କୂଳ ॥୧୩୫॥
ଏ ଶାସ୍ତ୍ର ଶ୍ରବଣୁ ଦହଇ । ଅଗ୍ନି ଯେସନେ କାଷ୍ଠ ଦହି ॥
ଏହୁ ଭାରତ ବରଷରେ । ଦେବ ପଣ୍ଡିତ ସମାଜରେ ॥
ଏ ଶାସ୍ତ୍ର ଯେହୁ ନ ଶୁଣିଲା । ତାହାର ଜନ୍ମ ବ୍ୟର୍ଥ ହେଲା ॥
ସଂସାର ପଙ୍କରେ ଲେପନ । ହୋଇଣ ଥାଇ ଯେଉଁ ଜନ ॥
ତାହାର କ୍ଷାଳନେ ସମର୍ଥ । ଏ ମହା ଭାଗବତ ତୀର୍ଥ ॥
ଏହାଙ୍କୁ ଚଉରେ ଯେ ଧ୍ୟାଇ । ସେ ନର ମୁକ୍ତିକି ଲଭଇ ॥
ଏରୂପେ କହୁ ସେ ପୁରୁଷ । ବିମାନ ହେଲା ପରବେଶ ॥
ହୋଇଛୁ ଅତି ଦୀପ୍ତିବନ୍ତ । ବୈକୁଣ୍ଠ ବାସିରେ ଶୋଭିତ
ଦେଖୁ ଅଛନ୍ତି ସର୍ବ ଜନେ । ସେ ଧୁନ୍ଧୁକାରି ତୋଷମନେ
ବିମାନ ଉପରେ ବସିଲେ । ତା ଦେଖି ଗୋକର୍ଣ୍ଣ ଭାଷିଲେ

ଗୋକର୍ଣ୍ଣଉବାଚ ।

ହେ ବଇକୁଣ୍ଠ ବାସି ଜନେ । ମୋର ବଚନ ଦେନ ମନେ
ଏଠାରେ ବହୁ ଶ୍ରୋତା ଗଣ । ଅଛନ୍ତି ନିର୍ମଳ ହୋଇଣ ॥
ଏକା ବେଳକେ ତାଙ୍କ ପାଇଁ । ବିମାନ ନଇଲ କିପାଇଁ ॥
ସମସ୍ତ ଜନଙ୍କ ଶ୍ରବଣ । ଧର୍ମତ ସମାନ ପ୍ରମାଣ ॥ ୧୪୧ ॥
କହେଉ ହେଲା ଫଳ ଭେଦ । କହ ହେ ହରି ଭକ୍ତ ବୃନ୍ଦ

ହରିଦାସ ଉବାଚ ।

ଏମନ୍ତେ ହରି ଭକ୍ତ ଶୁଣି । କହିଲେ ଅତି ମୃଦୁ ବାଣୀ ॥
ଶ୍ରବଣ ଭେଦ ଏଥି ନାହିଁ । ଫଳ ଭେଦକୁ କହୁଥାଇ ॥
ସମସ୍ତେ ଶ୍ରବଣକୁ କଲେ । ଏ ଅର୍ଥ ମଣି ନ ପାରିଲେ ॥
ଏ ହେତୁ ଭେଦ ହେଲା ଫଳ । ପୁଣି ଶୁଣିଲେ ହେବ ଭଲ
ଯେଣୁ ଏ ପ୍ରେତ ଯାତ ଗତ । ବିନା ଆହାରେ ଦେଇ ମତ
ଶ୍ରବଣ କରି ସ୍ଥିର ଚିତ୍ତେ । ମଣିଲା ଏ ଅର୍ଥ ଅତ୍ୟନ୍ତେ ॥
ତେଣୁ ଶ୍ରୀହରି ଦୟା କଲେ । ବୈକୁଣ୍ଠ ଭୁବନକୁ ଦେଲେ
ଅଦ୍ଭୁତେ ଜ୍ଞାନ ହୋଏ ହତ । ହେଳାରେ ଶାସ୍ତ୍ର ଶୁଣା ହତ
ସନ୍ଦେହମନ୍ତ ହତ ହୋଏ । ବ୍ୟଗ୍ର ଚିତ୍ତରେ ଜପ କ୍ଷୟେ ॥
ସାଧୁ ନଥିଲା ଦେଶେ ବାଧ । ସେରୂପେ ଅବୈଷ୍ଣବ ଶ୍ରାଦ୍ଧ ॥
ଅବଇ ଦ୍ୱିଜେ ଦାନ ହତ । ଅନାଚାରରେ କୁଳ ହତ ॥
ବିଶ୍ୱାସ ଗୁରୁ ବଚନରେ । ଦୀନ ଭାବନା ଆପଣାରେ ॥
ମନୁ ସକଳ ଦୋଷ କ୍ଷୟ । କଥାରେ ନିଶ୍ଚଳ ହୃଦୟ ॥
ଏ ଆଦି ଯତନେ ପାଳିଲେ । ଶ୍ରବଣ ଫଳ ଲଭେ ଭଲେ
ଏମନ୍ତ ଆନ ଭାବେ ନରେ । ପୁଣି ଏ ଶାସ୍ତ୍ର ଆଉ ଥରେ ॥
ଶୁଣିଲେ ବୈକୁଣ୍ଠ ଲଭଇ । ଏକଥା ନିଶ୍ଚୟ ଅଟଇ ॥
ପରମ ସାଧୁ ହେ ଗୋକର୍ଣ୍ଣ । ତୁମ୍ଭଙ୍କୁ ପ୍ରଭୁ ଭଗବାନ ॥
ଅବଶ୍ୟ ଗୋଲୋକକୁ ଦେବେ । ଏମନ୍ତ କହି ଗଲେ ସର୍ବେ
ପୁଣ କେତେହେ ଦିନ ଗଲା । ଶ୍ରାବଣ ମାସ ଆସି ହେଲା ॥
ଗୋକର୍ଣ୍ଣ ସପ୍ତାହ ବିଧାନ । ପୁଣି କହିଲେ ଦେଇ ମନ ॥
ସପତ ରାତ୍ର ବ୍ରତ କଲେ । ସେ ସର୍ବେ ସେ ଫଳ ଲଭିଲେ
ଶୁଣ ନାରଦ ସପ୍ତାହର । ଅନ୍ତରେ ହେଲା ଯେ ପ୍ରକାର ॥
ଯେମାନେ ଭକ୍ତଗଣ ସଙ୍ଗେ । ହରି ପ୍ରତେକ୍ଷ ହେଲେ ବେଗେ
ଜୟ ଶବଦେ ନମସ୍କାର । ସେ କାଳେ ଅନେକ ପ୍ରଚୁର ॥

ହରଷେ ଟର ପାଞ୍ଚ ଜନ୍ୟ । ଶବଦ କଲେ ଭଗବାନ ॥
ଆଶ୍ଳେଷ କରୁ ଗୋକର୍ଣ୍ଣଙ୍କୁ । ସେହୁ ପାଇଲେ ସାରୂପ୍ୟଙ୍କୁ
ଆନନ୍ଦେ ଶ୍ରୋତାମାନେ ଥିଲେ । ସେ ହେହ ସ୍ୱରୂପ ଲଭିଲେ
ନବୀନ ଘନ ଶ୍ୟାମ ମୂର୍ତ୍ତି । କରଠୀ କୁଣ୍ଡଳେ ଶୋଭନ୍ତି ॥
ପୀତ ବସନରେ ଶୋଭନ । ବିବିଧ ଭୂଷଣେ ମଣ୍ଡନ ॥
ଶ୍ୱାନ ଚଣ୍ଡାଳ ଆଦି ହୋଇ । ସେ ଗ୍ରାମେ ଯେତେ ଥିଲେ ରହି
ଗୋକର୍ଣ୍ଣ ଠାରେ ଦୟା ବହି । ଏହାଙ୍କୁ ବିମାନେ ବସାଇ
ପେସିଲେ ବୈକୁଣ୍ଠ ପୁରକୁ । ଯୋଗିଏ ଲଭନ୍ତି ଯାହାକୁ
ସପ୍ତାହ କଥା ମହିମାରେ । ପ୍ରୀତକ ବହି ହୃଦୟରେ ॥
ଭକ୍ତବତ୍ସଳ ଦେବ ହରି । ସଙ୍ଗତେ ଗୋକର୍ଣ୍ଣଙ୍କୁ ଧରି ॥
ଗୋପୀଜନଙ୍କ ଜହିଁ ବାସ । ହେଲେ ସେ ଗୋଲୋକେ ପ୍ରବେଶ
ପୂର୍ବେ ଅଯୋଧ୍ୟାବାସି ଗଣ । ଶ୍ରୀରାମ ସଙ୍ଗତ ହୋଇଣ ।
ଯେମନ୍ତ ଗଲେ ବୈକୁଣ୍ଠକୁ । ତେମନ୍ତ ଘେନି ଏମାନଙ୍କୁ ॥
ଯୋଗି ଅଗମ୍ୟ ଗୋଲୋକରେ । ପ୍ରବେଶ ହେଲେ ହଷ ଧୀରେ
ଏ ପୁରେ ଚନ୍ଦ୍ର ସୂର୍ଯ୍ୟ ଦିଙ୍କ । ମାନଙ୍କ ଗମନ ନିରୋଧ ॥
ଶ୍ରୀ ଭାଗବତ ଶ୍ରବଣରେ । ସର୍ବେ ମିଳିଲେ ସେହୁ ପୁରେ ॥
ସପ୍ତାହ ଯଜ୍ଞ କଥନରେ । ସଂଚିତ ଉଜ୍ୱଳ ଭକ୍ତିରେ ॥
ଏମନ୍ତ ଫଳର ମହିମା । କିସ କହିବା ନାହିଁ ସୀମା ॥
ଗୋକର୍ଣ୍ଣ ଚରିତ ଅକ୍ଷରେ । ହେଲେ ହେ ଶୁଣନ୍ତି ଯେ ନରେ
ତାହାଙ୍କ ଗର୍ଭଗତ କ୍ଳେଶ । କେବେହେ ନୋହଇ ଅବଶ୍ୟ
ଜଳ ପବନ ପତ୍ର ଖାଇ । ଦେହକୁ ଅତ୍ୟନ୍ତେ ସୁଖାଇ ॥
ବହୁତ କାଳେ ଉଗ୍ରତପ । ଆଚର ଯୋଗ ଆଦି ତପ ॥
ଏମାନଙ୍କର ଯେଉଁ ଗତି । ମାନବେ ଲଭି ନ ପାରନ୍ତି ॥
ସପ୍ତାହ କଥା ଶ୍ରବଣରେ । ସେ ଗତି ଲଭନ୍ତି ସତ୍ୱରେ ॥
ଶାଣ୍ଡିଲ୍ୟ ନାମେ ମୁନିବର । ବସି ଚିତ୍ରକୁଟ ଉପର ॥ ୨୦ ।

ବ୍ରହ୍ମ ଆନନ୍ଦେ ହୋଇ ଯୁକ୍ତ । ପଢ଼ନ୍ତି ଏ ପୂର୍ବ ଚରିତ୍ର ॥
ଅତି ପବିତ୍ର ଏ ଆଖ୍ୟାନ । ଯେ ବାରେ କରନ୍ତି ଶ୍ରବଣ ॥
ସକଳ ପାତକ ସେ ଦହି । ଅନ୍ତରେ ବୈକୁଣ୍ଠେ ରହଇ ॥
ଶ୍ରାଦ୍ଧ କାଳରେ ଏ ଆଖ୍ୟାନ । ଯେ ନରେ କରନ୍ତି ପଠନ
ତାହାର ପିତୃଗଣମାନେ । ତୃପ୍ତିକି ଲଭନ୍ତି ବହନେ ॥
ଉତ୍ତମ କରି ଯେ ପଢ଼ଇ । ସେ ପୁଣ ଜନ୍ମ ନ ଲଭଇ ॥
ଲଭଇ ଗୋଲୋକରେ ଠାବ । ଭଣିଲେ ପଦ୍ମନାଭ ଦେବ

ଇତି ଶ୍ରୀ ପଦ୍ମପୁରାଣେ ଉତ୍ତରଖଣ୍ଡେ ଶ୍ରୀଭାଗବତ ମହାତ୍ମ୍ୟ ନିରୂପଣେ ଗୋକର୍ଣ୍ଣ ଗୁଣ ବର୍ଣ୍ଣନେ ନାମ ପଞ୍ଚମ ଅଧ୍ୟାୟଃ ॥

ଷଷ୍ଠ ଅଧ୍ୟାୟ ॥

କୁମାରଉବାଚ ।

ଶ୍ଳୋକଃ ଅଥତେ ସଂପ୍ରବକ୍ଷ୍ୟାମଃ ସପ୍ତାହ ଶ୍ରବଣେ ବିଧିଂ ।
ସହାୟୈର୍ବସୁଭିଶ୍ଚୈବ ପ୍ରାପ୍ୟଃ ସାଧ୍ୟାବଧିସ୍ମୃତଃ ॥

ସନତ୍କୁମାର ଆଦି ପୁଣ । ନାରଦେ କହନ୍ତି ତୋଷେଣ ॥
ଏ ଅଟେ ସପ୍ତାହ ଶ୍ରବଣ । ବିଧି କହିବା ତୁମ୍ଭେ ଶୁଣ ॥
ସହାୟ ଜନ ଦ୍ରବ୍ୟ ବିନା । ଏ ବିଧି ନୁହଇ ଘଟଣା ॥
ଜ୍ୟୋତିଷ ଡାକି ମୁହୂର୍ତ୍ତକୁ । ପୃଚ୍ଛଣ କରିବ ଯତ୍ନକୁ ॥
ବିବାହ କାଳରେ ଯେସନେ । ବିତ୍ତ ଲଗାଇ ତୋଷ ମନେ
ତେମନ୍ତ ଏ ବିଧି କାଳରେ । ଦ୍ରବ୍ୟ କଳିବ ବିସ୍ତରରେ ॥

ଶ୍ରାବଣ ଭାଦ୍ରବ ଆଶ୍ୱିନ । କାର୍ତ୍ତିକ ମାର୍ଗଶିର ପୁଣ ॥ ୭ ॥
ଏ କଥାରମ୍ଭେ ଏତେ ମାସ । ଶ୍ରୋତାଙ୍କ ସୁଖକୁ ପ୍ରକାଶ ॥
ଯେବଣ ମାସେ ଯାହା ତେଜ । ସେ କଥା ମନେ ଥିବ ହେଜ
ସଦା ହରିଦମି ଜନମାନେ । ସମ୍ବାଦ୍ୟ ହେବେ ଏ ବିଧାନେ ॥
ପ୍ରତି ଦିଗକୁ ଏହି ବାର୍ତ୍ତା । ପେଦିବ ବିଧାନ କର ତା ॥
ଉତ୍ତମ କଥା ଏଥି ହେବ । କୁଟୁମ୍ବେ ଯେ ଜନ ଆଣିବ ॥
ଏ କଥା ବହୁତ କାଳରେ । ହୋଉଛି ବଶ୍ୱର ମଙ୍ଗଳରେ ॥
ହେ ବଇଷ୍ଣବ ଜନମାନେ । ଆବର ସ୍ତ୍ରୀରି ଶୂଦ୍ର ଜନେ ॥
ଆସିବ କଥା ଶ୍ରବଣକୁ । ପାଇବ ଶ୍ରବଣ ବୋଧକୁ ॥ ୧୫ ॥
ପ୍ରତି ଦିନରେ କେ ବୈଷ୍ଣବେ । ନ ପୁଣ କୀର୍ତ୍ତନ ଉତ୍ସବ
ବୈରାଗୀ ଜନେ ଏମାନଙ୍କୁ । ଡାକିବ ଲେଖିଣ ପତ୍ରକୁ ॥
ଦୁର୍ଲଭ ସାଧୁଙ୍କ ସମାଜ । ହେବ ସପତ ରାତ୍ରେ ହେଜ ॥
ଅପୂର୍ବ ରସରୂପ କଥା । ସେଠାରେ ହୋଇବ ସର୍ବଥା ॥
ଶ୍ରୀ ଭାଗବତ ଅମୃତକୁ । ପାନ କରିବାରେ ଇଚ୍ଛୁକୁ ॥ ୨୦ ॥
ଧରିଛି ଏଥି ପ୍ରେମ ବନ୍ଧ । ତୁମ୍ଭେ ଆସିବ ଶିଘ୍ର ବହ୍ୱାଇ ॥
ତୁମ୍ଭର ଅବକାଶ ଯେବେ । ନୋହିବ ଶୁଣ ଦିନେ ତୁମ୍ଭେ ॥
ଅବଶ୍ୟ ଏଥକୁ ଆସିବ । ହୋଇବ ଦୁର୍ଲ୍ଲଭ ଉତ୍ସବ ॥ ୨୩ ॥
ଏରୂପେ ବିନୟ ବଚନ । କରି ଡାକିବ ସାଧୁଜନ ॥ ୨୪ ॥
ଆସିବା ଜନଙ୍କର ବାସ । ସ୍ଥାନକୁ କଳ୍ପିବ ବିଶେଷ ॥
ଗୃହରେ ତୀର୍ଥେ ଅବା ବନେ । କଥା ଶୁଣିବ ଲୋକମାନେ
ଏ ଶାସ୍ତ୍ର ଶ୍ରବଣର ସ୍ଥଳ । କରିବ ଅତ୍ୟନ୍ତ ବିପୁଳ ॥ ୨୭ ॥
ଏ ଭୂମି ସ୍ଥଳକୁ ଶୋଧିବ । ମାର୍ଜନା କରିଣ ଲିପିବ ॥
ଅନେକ ଗୈରିକର ଶିରେ । ମଣ୍ଡିବ ନାନା ବିଚିତ୍ରରେ ॥
ସପ୍ତାହ ଥାଉ ପଞ୍ଚ ଦିନ । ଆସନ କରିବ ସ୍ଥାପନ ॥ ୩୦ ॥
କଦଳୀ ବୃକ୍ଷରେ ମଣ୍ଡିତ । ମଣ୍ଡପ କରିବ ଉନ୍ନତ ॥

ବିତାନ ଫଳ ପୁଷ୍ପ ଗଣେ । ମଣ୍ଡପ ମଣ୍ଡିବ ଯତନେ ॥
ସ୍ତମ୍ଭ ପାଶରେ ଧ୍ୱଜମାନ । ଚୂଡରେ କରିବ ମଣ୍ଡନ ॥୪୩॥
ମୁକୁତା ଦ୍ରୋଣୀ ପଞ୍ଚ ବାସେ । କୁଞ୍ଜ ବାନ୍ଧିବ ଚଉପାଶେ
ମଣ୍ଡପ ତଥି ସପ୍ତ ଲୋକ । ରହିଲେ କରିବ ବିବେକ ॥
ସେ ସପ୍ତ ଲୋକେ ବ୍ରହ୍ମଋଷି । ବିରକ୍ତ ସଙ୍ଗେ ଛନ୍ତି ମିଶି ॥
ଏମାନେ ଉତ୍ତମ ଆସନେ । ବସିଲେ ବିସ୍ତରିବ ମନେ ॥
ଏ ଅନ୍ତେ ବକ୍ତା ଯେଉଁ ଜନ । ତା ପାଇଁ ସ୍ଥାପିବ ଆସନ ॥
ଉତ୍ତର ମୁଖ ହେବ ବକ୍ତା । ପୂର୍ବାଭି ମୁଖ ହେବ ଶ୍ରୋତା ॥
ଅଥବା ବକ୍ତା ପୂର୍ବ ମୁଖ । ଶ୍ରୋତା ଉତ୍ତରେ କରି ମୁଖ ॥
ନୋହିଁଲେ ଶ୍ରୋତା ବକ୍ତା ଦୁଇ । ବସିବେ ପୂର୍ବ ମୁଖ ହୋଇ
ଯେ ଦେଶ କାଳରେ ମଣ୍ଡିତ । ଶ୍ରୋତାରେ ହେହିମାନେ ବ୍ୟକ୍ତ
ବିରକ୍ତ ବୈଷ୍ଣବ ବ୍ରାହ୍ମଣ । ବେଦ ଶାସ୍ତ୍ରରେ ଯେ ନିପୁଣ ॥
ଦୃଷ୍ଟାନ୍ତ କଥାରେ କୁଶଳ । ନିସ୍ପୃହ ଧୀର ସୁନିର୍ମଳ ॥୪୪
ଏମନ୍ତ ଗୁଣବନ୍ତ ଜନେ । ବକ୍ତା କରିବ ତୋଷ ମନେ ॥
ଅନେକ ଧର୍ମରେ ରହିତ । ପାଷାଣ୍ଡ ସଙ୍ଗ ସ୍ତ୍ରୀର ରତ ॥
ପଣ୍ଡିତ ହେଲେ ହେଁ ଏ ନରେ । ଶ୍ରୀ ଭାଗବତ ଶ୍ରବଣରେ
ଯୋଗ୍ୟ ନୁହନ୍ତି କଦାଚିତେ । ଥିଲେ ହେଁ ତେଜିବ ତୁରିତେ
ଲୋକଙ୍କୁ ବୁଝାଇବା ଅର୍ଥେ । ସଂଶୟ ଛେଦି ଯେ ତୁରିତେ
ଏମନ୍ତ ପଣ୍ଡିତ ଜନଙ୍କୁ । ରଖିବ ବକ୍ତା ପାଖେ ତାଙ୍କୁ ॥
ଏ ବ୍ରତ ଆରମ୍ଭ ଅର୍ଥକୁ । ଦିନକ ଥାଉ ସେ ବକ୍ତାଙ୍କୁ ॥
ଉକ୍ଷୌର ବିଧି କରାଇବ । ଅକର୍ମ କଥା ନିଷେଧିବ ॥୫୨॥
ଅରୁଣ ଉଦୟରୁ ବକ୍ତା । ଶ୍ରୀହରି ରୂପ କରି ଚିନ୍ତା ॥୫୩॥
ଶୌଚାଦି ସ୍ନାନ ଆଚରିବ । ଯତ୍ନରେ ସନ୍ଧ୍ୟାଦି କରିବ ॥
ବିଘ୍ନ ନାଶନେ ଗଣପତି । ପୂଜିବ ହୋଇ ଶୁଦ୍ଧ ମତି ॥

ତର୍ପଣେ ପିତୃଙ୍କୁ ତୋଷିବ । ଦେହ ଶୁଦ୍ଧ୍ୟର୍ଥେ ଦାନ ଦେବ
ମଣ୍ଡଳ ଲେଖି ତହିଁ ମଧ୍ୟେ । କୃଷ୍ଣଙ୍କୁ ସ୍ଥାପି ଚଉ ଶୁଦ୍ଧେ ॥
ମନ୍ତ୍ର ଉଚାର ଯଥା ମତେ । ପୂଜିବ ନାନା ଦ୍ରବ୍ୟଯୁକ୍ତେ ॥
ପ୍ରଣାମ ପ୍ରଦକ୍ଷିଣ କରି । ତଦନ୍ତେ ସ୍ତୁତିକି ଆଚରି ॥ ୫୯ ॥
ହେ ଦୟାନିଧି ଭଗବାନ । ଶୁଣ ମୋ ବିନତି ବଚନ ॥
ସଂସାରାର୍ଣ୍ଣବେ ମୁ ପଡିଛି । କର୍ମ କୁମ୍ଭୀର ଗିଳୁଅଛି ॥ ୬୧ ॥
ଏ ଘେନି ହୋଇଛି ମୁ ଦୀନ । ଉଦ୍ଧର ଧରି ଭଗବାନ ॥
ତଦନ୍ତେ ପଞ୍ଚ ଉପଚାରେ । ପୂଜିବ ଶ୍ରୀ ଭାଗବତରେ ॥
ତଦନ୍ତେ ଧରି ଶ୍ରୀ ଫଳକୁ । କୃତିସ୍ତ କରିବ ପ୍ରଣାମକୁ ॥
ପ୍ରସନ୍ନ ମାନସକୁ ବହି । ସ୍ତୁତି କରିବ ପୁଣି ତହିଁ ॥ ୬୫ ॥
ନମସ୍ତେ ଭାଗବତ ଶାସ୍ତ୍ର । ତୁମ୍ଭେ ଯେ ଶ୍ରୀକୃଷ୍ଣ ସାକ୍ଷାତ ॥
ସଂସାରୁ ତରିବା ନିମନ୍ତେ । ସ୍ୱୀକାର କଲି ଶୁଦ୍ଧଚିତ୍ତେ ॥
ହେ କୃଷ୍ଣ ତୁମ୍ଭର ମୁ ଦାସ । ନିର୍ବିଘ୍ନେ ପୁରାଅ ମୋ ଆଶ ॥
ଏରୂପେ କହି ସ୍ତୁତି ଗୀର । ବକ୍ତାକୁ କରିବ ସତ୍କାର ॥
ପିନ୍ଧାଇ ବସନ ଭୂଷଣ । ସ୍ତୁତିକି ଆଚରିବ ପୁଣ ॥ ୭୦ ॥
ତୁମ୍ଭେ ଶୁକଦେବ ସାକ୍ଷାତ । ସକଳ ଶାସ୍ତ୍ରରେ ପଣ୍ଡିତ ॥
ସମସ୍ତ ବେଦ ତୁମ୍ଭେ ଜାଣ । ଏଣୁ ଏ କଥା ପ୍ରକାଶିଣ ॥
ମୋହର ଅଜ୍ଞାନକୁ ନାଶ । ଜଗତେ ରହୁ ତୁମ୍ଭ ଯଶ ॥
ଏମନ୍ତ କହି ବକ୍ତା ଆଗେ । ଆପଣା ଶୁଭ ଅନୁରାଗେ ॥
ନିଜ ଶକ୍ତିରେ ନିୟମରେ । ଯତ୍ନେ ପାଳିବ ସମ୍ଭ୍ରମରେ ॥
ଏ ଶାସ୍ତ୍ର କଥା ବିଘ୍ନ ନାଶ । ହେବାକୁ ବଗୃର ମାନସ ॥
ଦ୍ୱାଦଶାକ୍ଷର ମନ୍ତ୍ର ବିଜ । ଜପ କରିବ ପଞ୍ଚ ଦ୍ୱିଜ ॥ ୭୭ ॥
ବ୍ରାହ୍ମଣ ବୈଷ୍ଣବ ମାନଙ୍କ । କୀର୍ତ୍ତନ କରିବା ଜନଙ୍କୁ ॥
ପ୍ରଣାମ କରି ଅର୍ଘ୍ୟ ଦେବ । କର୍ତ୍ତା ଯେ ଆସନେ ବସିବ
ସେ କାଳେ ନାରୀ ଗୃହ ପୁତ୍ରେ । ଚିନ୍ତାକୁ ନ ଧରିବ ଚିତ୍ତେ

ଶୁଦ୍ଧ ବୁଦ୍ଧିରେ ଏ କଥାକୁ । ଯେ ଶୁଣେ ଲଭେ ସୁଫଳକୁ
ବକ୍ତା ଓଯ ଶାସ୍ତ୍ର ବିଧି ମତେ । ଚଉଦ ଘଡି ପରଯନ୍ତେ ॥
ସ୍ୱସ୍ତିର କରଣ ପଢ଼ିବ । ମଧ୍ୟାହ୍ନେ ବିଶ୍ରାମ କରିବ ॥୮୪॥
ସେକାଳେ ସାଧୁ ବଇଷ୍ଣବେ । ଆନନ୍ଦେ କୀର୍ତ୍ତନ କରିବେ
ସପ୍ତାହ ଆଚରଣ ଜନ । ବିଷ୍ଣୁର କଥା ଆସ୍ୱାଦନ ॥
ହବିଷ୍ୟ ଅନ୍ନ ଏକ ବାରେ । ଖାଇବ ଶୁଦ୍ଧ ମାନସରେ ॥
ମଳ ମୂତ୍ର ନୋହିବା ପାଇଁ । ଅଳ୍ପ ଆହାରେ ତୃପ୍ତ ହୋଇ
ସମର୍ଥ ହେବ ଯେଉଁ ଜନ । ସପ୍ତାହେ ନ କରି ଭୋଜନ ॥
କି ଅବା ଘୃତ ଦୁଗ୍ଧ ପାନ । କରି ଶୁଣିମ ସାଧୁ ଜନ ॥
କି ଅବା ହେବ ଫଳାହାରି । ଅଥବା ଏକ ଭୁକ୍ତ କରି ॥
ଏତେ ବିଧାନେ ସୁଖ ଯାହା । ଶ୍ରବଣେ ଆଚରିବ ତାହା ॥
ଉପବାସରେ ମନ ଟଳେ । ଶ୍ରବଣେ ସୁଖ ନୋହେ ଭଲେ ॥
ଏ ଯେନ ଭୋଜନ କରିବ । କଥା ଶ୍ରବଣେ ସୁଖ ହେବ ॥
ସପ୍ତାହ ବ୍ରତ ଜନଙ୍କର । ନିୟମ ଶୁଣ ମୁନିବର ॥୯୪॥
ଯେ ବିଷ୍ଣୁ ଦୀକ୍ଷାରେ ବିହୀନ । ସେ ନୋହେ ଏଥିକି ଭାଜନ
ଏ ବ୍ରତ ଆଚରିବା ପରେ । କଥାନ୍ତେ ଭୁଞ୍ଜିବ ପତ୍ରରେ ॥
ଶୟନ ଭୂମିରେ କରିବ । ବ୍ରହ୍ମଚର୍ଯ୍ୟରେ ମନ ଦେବ ॥
ଯେ କଥା ବ୍ରତ ଜନମାନେ । ଏତେକ ଛାଡିବ ଯତନେ ॥
ଦ୍ୱିଦଳ ମଧୁ ଗରିଷ୍ଠାନ୍ନ । ଯେ ପୁଣ ଭାବରେ ଦୂଷଣ ॥
ଦୁଗ୍ଧାନ୍ନ ପୁଣ ଆରନାଳ । ବାର୍ତ୍ତାକି କଳମ୍ବି ତଇଳ ॥
କୁଷ୍ମାଣ୍ଡ ମଧୁର କେ ମାଷ । ସଜନା ଆଦି ଫଳାମିଷ ॥
ହିଙ୍ଗୁ କେ ପିଆଜ ରସଣ । ମୂଳା ମୃଣାଳ ମୂଳେ ପୁଣ ॥
ମତ୍ସର କାମ କ୍ରୋଧ ମଦ । ଲୋଭ ଅହଂକାର ବିଷାଦ ॥
କପଟ ମୋହ ଦମ୍ଭ କଥା । ଏମାନେ ଛାଡିବ ସର୍ବଥା ॥
ବୈଷ୍ଣବ ଗୁରୁ ଦେବ ଦ୍ୱିଜ । ଗୋବ୍ରତୀ ନାରୀ ମହାରାଜ ॥
ଏହାଙ୍କୁ କେବେ ନ ନିନ୍ଦିବ । ଯେ ଜନ ବ୍ରତ ଆଚରିବ ॥

ପତିତ ରଜସ୍ୱଳା ନାରୀ । ଯେ ମ୍ଳେଚ୍ଛ ହୀନ ବ୍ରତକାର ॥
ବ୍ରାହ୍ମଣ ଦ୍ୱେଷି ବେଦ ହୀନ । ଏହାଙ୍କୁ ନ କହ ବଚନ ॥
ଆର୍ଜବ ଶୌଚ ଦୟା ସତ୍ୟ । ବିନୟ ମୌନ ଧୀର ମତ୍ୟ
ଏ ବିଧାନକୁ ଆଚରିବ । ଯେ ଏହି ବ୍ରତ କରିଥିବ ॥
ଦରିଦ୍ର ରୋଗି ଭାଗ୍ୟହୀନ । ଆବର ପାପ କର୍ମ ଜନ ॥
ଅନ୍ୟାୟବନ୍ତ ଯେଉଁମାନେ । ଶୁଣିବେ ମୁକ୍ତି ବାଞ୍ଛି ମନେ ॥
ଅପୁଷ୍ପବତୀ ଏକ ପୁତ୍ରି । ଆବର ବନ୍ଧ୍ୟା ମୃତ ପୁତ୍ରୀ ॥୧୧୩॥
ଯେ ଗର୍ଭସ୍ରବା ଏତେ ନାରୀ । ଶୁଣିବେ ଯତ୍ନକୁ ଆଚରି ॥
ଯେ ଶୁଣେ ଏମନ୍ତ ବିଧିରେ । ଅକ୍ଷୟ ଫଳ ମିଳେ ତାରେ
ଏ ଶାସ୍ତ୍ର ସତ୍ୟ ଆନୁତ୍ତମ । କୋଟି ଯଜ୍ଞର ଏହୁ ସମ ॥
ଏରୂପେ ସପ୍ତାହ ବିଧାନ । ଅନ୍ତେ କରିବ ଉଦ୍ୟାପନ ॥
ଜନ୍ମାଷ୍ଟମୀର ବିଧାନେ । ଫଳାର୍ଥି ପାଳିବେ ଯତନେ ॥
ଯେ ଅବା ଅକିଂଚନ ଭକ୍ତ । ନକରୁ ଉଦ୍ୟାପନ ବ୍ରତ ॥
ଯେଣୁ ସେ ନିଷ୍କାମନା ଚିତ୍ତ । ଶ୍ରବଣ ମାତ୍ରକେ ଅପବିତ୍ର ॥
ଏରୂପେ ଏ ସପ୍ତାହ ଯାଗେ । ସଂପୂର୍ଣ୍ଣେ ଶ୍ରୋତା ଏ ସରାଗେ
ପୁରାଣ ବକ୍ତା ଏ ଶାସ୍ତ୍ରକୁ । ଭକ୍ତିରେ କରିବ ପୂଜାକୁ ॥
ତୁଳସିମାଳ ଜେ ପ୍ରସାଦ । ଶ୍ରୋତାଏ ଦେବ ପାଇ ମୋଦ
ତଦନ୍ତେ ତାଳ ମୃଦଙ୍ଗକୁ । ବଜାଇ କରି କୀର୍ତ୍ତନକୁ ॥
ଅନ୍ୟୋନ୍ୟେ ପ୍ରଣମିତ ହୋଇ । ଜୟ ଶବଦେ ଗୀତ ଗାଇ
ଶଙ୍ଖାଦି ଧ୍ୱନି କରାଇବ । ଦ୍ୱିଜ ଯାଚକେ ଦାନ ଦେବ ॥
ବିରକ୍ତ ହେଲେ ଶ୍ରୋତା ମନ । ଗୀତ ପଢ଼ିବ ଆର ବେଦ ॥
ଗୃହସ୍ଥ ହୋଇଥିଲେ ହୋମ । କରିବ ହେଜ ଶାନ୍ତି କର୍ମ ॥
ପାୟସ ମଧୁ ତିଳ ଘୃତେ । ଏମାନ ଯେନ ଶୁଦ୍ଧ ଚିତ୍ତେ ॥
ଦଶମସ୍କନ୍ଧ ଶ୍ଳୋକ ଯେତେ । ଗଣି ଆହୁତି ଦେବ ତେତେ
ଅଥବା ଗାୟତ୍ରି ମନ୍ତ୍ରରେ । ହୋମ କରାଇ ଜପ କରେ ॥

ତେଣୁ ଏ ଭାଗବତ ଶାସ୍ତ୍ର । ଗାୟତ୍ରି ସ୍ୱରୂପ ସାକ୍ଷାତ ୧୩୬
ହୋମକୁ ଅଶକ୍ତ ଯେ ହେବ । ହୋମ ସାମଗ୍ରୀ ବିପ୍ରେ ଦେବ
ଏ ଫଳ ସିଦ୍ଧ ବିଘ୍ନ ନାଶ । ନାଉନା ଧିକ ଯେ ବିଶେଷ ।
ଏମାନ ଇଚ୍ଛୁଣ ମନକୁ । ପଢିବ ସହସ୍ର ନାମକୁ ।
ତେଣୁ ସେ ଫଳ ସିଦ୍ଧ ହୋଇ । ଏଥୁ ଅଧିକ ଆନ ନାହିଁ
ବ୍ରାହ୍ମଣ ଦ୍ୱାଦଶ ଜଣକୁ । ମଧୁ ପାୟସ ଭୋଜନକୁ । ୧୩୭
କରାଇ ଧେନୁ ସ୍ୱର୍ଣ୍ଣ ଦାନ । ଦେବ ହେବାକୁ ବ୍ରତ ପୂର୍ଣ୍ଣ ।
ଯେ ଦ୍ରବ୍ୟବନ୍ତ ହୋଇଥିବ । ସେ ଏହି ବିଧି ଆଚରିବ ।
ତ୍ରିପଳ ସୁବର୍ଣ୍ଣ ସିଂହକୁ । କରଣ ପରେ ପୁସ୍ତକକୁ ।୧୪୦।
ରଖି ପୂଜିବ ଉପସ୍ଥରେ । ସହିତ କରି ଦକ୍ଷିଣାରେ ।
ଯେ ଯତଆତ୍ମା ଆଚାର୍ଯ୍ୟଙ୍କୁ । ବସ୍ତ୍ର ଭୂଷାଦି ଦେଇ ତାଙ୍କୁ ।
ପୂଜା କରି ଯେ ଦାନ ଦିଏ । ସେ ଭବବନ୍ଧୁ ମୁକ୍ତ ହୁଏ ।
ସକଳ ପାପ ନିବାରଣ । ଏମନ୍ତେ ଏଦାନ ବିଧାନ ।
କରନ୍ତେ ଭାଗବତ ଶାସ୍ତ୍ର । ଫଳ ଦିଅନ୍ତି ଅତି ମାତ୍ର ।
ଯେ ଧର୍ମ ଅର୍ଥ କାମ ମୋକ୍ଷ । ସାଧନ ଅଟେ ଏ ପ୍ରତକ୍ଷ ।
କହିଲୁ ସକଳ ବିଧାନ । ଆଉକି ଶୁଣିମାକୁ ମନ । ୧୪୭।
ଏ ଭାଗବତଙ୍କ ଚରିତ । ଭକ୍ତି ମୁକ୍ତିରେ ପ୍ରକାଶିତ ।

ସୂତଉବାଚ ।

କହନ୍ତି ସୂତ ମହାମୁନି । ଶୁଣ ଶୌନକ ସର୍ବଜ୍ଞାନି ।
ଯେ ସର୍ବ ପାତକ ନାଶଇ । ପବିତ୍ର ଭକ୍ତି ମୁକ୍ତି ଦାୟି ।
ଏମନ୍ତ ଭାଗବତ ଶେଷେ । କହିଣ ଶ୍ରୋତାଙ୍କର ପାଶେ ।
ଯଥା ବିଧିରେ ଶ୍ରୀହରିଙ୍କେ । ବିହିଲେ ଅନେକ ସ୍ତୁତିକ ।
ତଦନ୍ତେ ବଇରାଗ ଜ୍ଞାନ । ଅତ୍ୟନ୍ତେ ହୋଇଲେ ତରୁଣ ।

ଭକ୍ତି ଯେ ଅତି ପୁଷ୍ଟହୋଇ । ଭକ୍ତଙ୍କ ହୃଦେ ହେଲେ ଧୀର
ସ୍ୱ ମନୋରଥ ସିଦ୍ଧି ପାଇ । ନାରଦ କୃତ କୃତ୍ୟ ହୋଇ ॥
ପରମ ଆନନ୍ଦ ଲଭିଲେ । ସର୍ବାଙ୍ଗେ ପୁଲକିତ ହେଲେ ॥
ବୈଷ୍ଣବ ସାର ସେ ନାରଦ । ହୋଇଣ କଣ୍ଠ ଗଦ ଗଦ ॥
କର ଅଞ୍ଜଳୀ କରି ଧୀରେ । କହିଲେ ସେ ସନତ୍କୁମାରେ ॥

ନାରଦଉବାଚ ।

ଦୟାଳୁ ତୁମ୍ଭେ ଦୟା କରି । ଏ ସର୍ବ କହିଲେ ବିସ୍ତାରି ॥
ଏଣୁ ମୁଁ ଧନ୍ୟ ହନ୍ନ ଲୋକେ । କି ଅବା କହିବ ଅଧିକେ ॥
ଏ ଭାଗବତ ସପ୍ତାହରେ । ହରିଙ୍କି ଲଭିଲି ପାଶରେ ॥
ସକଳ ଧର୍ମରୁ ଶ୍ରବଣ । ସାର ଏ ବୋଲି ମନେ ଜାଣ ॥
ଯେଣୁ ବୈକୁଣ୍ଠ ସ୍ଥିତ ହରି । ମିଳିଲେ ଶ୍ରବଣରୁ କରି ॥

ସୂତଉବାଚ ।

ସୂତ କହନ୍ତି ଶୁଣ ଶଉଷ । ଶୌନକ ମୁନିଙ୍କ ଅଗ୍ରତେ ॥
ବୈଷ୍ଣବ ଉତ୍ତମ ନାରଦ । ଏମନ୍ତେ କରନ୍ତେ ସମ୍ବାଦ ॥
ଭ୍ରମଣ କରି ଯୋଗେଶ୍ୱର । ଅଇଲେ ଶୁକ ମୁନିବର ॥
ବୟସ ଷୋଡଶ ବର୍ଷର । ଜ୍ଞାନ ସାଗର ନିଶାକର ॥
କଥା ପ୍ରାନ୍ତରେ ସ୍ୱଚରିତ । ବର୍ଣ୍ଣିନେ ହୋଇ ତୋଷଚିତ୍ତ ॥
ପ୍ରେମରେ ମନ୍ଦ ମନ୍ଦ କରି । ଶ୍ରୀ ଭାଗବତଙ୍କୁ ଉଚାରି ॥
ଏରୂପେ ବ୍ୟାସଙ୍କର ସୁତ । ସେ ସ୍ଥାନେ ହେଲେ ଉପଗତ
ସେ ସଭାସ୍ଥିତ ଜନମାନେ । ତେଜ ବିଲୋକି ତୋଷମନେ ॥
ଉଠି ସେ ଦେଲେକ ଆସନ । କରି ଅନେକ ସନ୍ମାନ୍ୟ
ପ୍ରୀତିରେ ବ୍ରହ୍ମାଙ୍କ କୁମର । ପୂଜା ବହିଲେ ତତପର ॥
ସନ୍ତୋଷେ ଆସନରେ ବସି । ଶୁକ ନିର୍ମଳ ବାଣୀ ଭାଷି ॥

ଶ୍ରୀଶୁକ ଉବାଚ ।

ନିଗମ କଳ୍ପବୃକ୍ଷ ଫଳ । ଶୁକ ମୁଖରେ ଆସି ମିଳ ॥
ଅମୃତ ଦ୍ରବରେ ସରସ । ଏ ଭାଗବତଙ୍କର ରସ ॥ ୧୭୭ ॥
ରସିକ ଭାବୁକ ହେ ଜନେ । ମୁକ୍ତି ପର୍ଯ୍ୟନ୍ତେ ସୁ ଯତନେ
ଏହାଙ୍କୁ ପୁଣ ପୁଣ ପିଅ । ତ୍ରିତାପ ଭସ୍ମକୁ ନ ଯାଅ ॥
ଏଥିରେ କପଟ ବର୍ଜନେ । ରହନ୍ତି ଧର୍ମ ଅନୁକ୍ଷଣେ ॥
ମତ୍ସର ହୀନ ସାଧୁଙ୍କର । ଜାଣିମା ଯୋଗ୍ୟ ଶୁଭକର ॥
ତ୍ରିତାପ ନାଶନ ପରମ । ବ୍ରହ୍ମ ବସ୍ତୁଙ୍କ ଏ ଆଶ୍ରମ ॥ ୧୮୧ ॥
ଏ ବେଦବ୍ୟାସଙ୍କର କୃତ୍ୟ । ଯେ ଶୁଣେ ହୋଇ ଶୁଦ୍ଧଚିତ୍ତ
ତତ୍କ୍ଷଣେ ହରିଙ୍କ ହୃଦରେ । ବାନ୍ଧି ରଖଇ ନିରନ୍ତରେ ॥
ନିର୍ମଳ ଜ୍ଞାନ ପରମାଣ । ପରମ ହଂସ ଧର୍ମ ପୁଣ ॥ ୧୮୪ ॥
ଯହିଂରେ ହୁଅନ୍ତି ଗାୟନ । ମହା ଭାଗବତ ପୁରାଣ ॥
ବୈଷ୍ଣବ ଜନଙ୍କ ଏ ଧନ । ବୋଲନ୍ତି ସାଧୁ ଜନେ ଯେଣ
ଜ୍ଞାନ ବୈରାଗ୍ୟ ଭକ୍ତି ଯୁକ୍ତ । ନିଷ୍କାମ ଧର୍ମ ଯହିଂ ଖ୍ୟାତ
ଯେ ଏହା ଶୁଣି ପଢି ଧ୍ୟାଇ । ଭକ୍ତିରେ ମୁକ୍ତି ସେ ଲଭଇ ॥
ସ୍ୱର୍ଲୋକ ମର୍ତ୍ତ୍ୟ ଲୋକ ବେନି । କୈଳାସେ ବୈକୁଣ୍ଠରେ ପୁଣି
ଏଣୁ ଆଶ୍ଚର୍ଯ୍ୟ ରସ ନାହିଁ । ଏ ଯେଣୁ ପିଅ ମନ ଦେଇ
ଶୁଣ ହେ ଭାଗ୍ୟବନ୍ତ ଜନେ । ଏହା ନ ଛାଡ଼ ନିଶି ଦିନେ

ସୂତଉବାଚ ।

ସୂତ କହନ୍ତି ତୋଷ ଭରେ । ଶୌନକ ମୁନିଙ୍କ ଅଗ୍ରରେ ॥
ଶୁକଙ୍କ ଏ ବଚନ ଅନ୍ତେ । ସଭାର ମଧ୍ୟରେ ସାକ୍ଷାତେ ॥
ପ୍ରହ୍ଲାଦ ଉଦ୍ଧବ ଅର୍ଜୁନ । ବଳିଙ୍କି ଘେନି ଭଗବାନ ॥
ପ୍ରକାଶ ହୋଇଲେକ ଆସି । ଦେଖି ନାରଦ ମହାଋଷି ॥
ଶ୍ରୀହରି ଆଦି ସମସ୍ତଙ୍କୁ । ଆନନ୍ଦେ କଲେକ ପୂଜାକୁ ॥

ଆସନେ ଶ୍ରୀକୃଷ୍ଣଙ୍କୁ ଦେଖି । ସକଳ ଋଷି ହୋଇ ସୁଖି ॥
ଅଗ୍ରତେ କୀର୍ତ୍ତନ ବହିଲେ । ଅନେକ ଉତ୍ସବକୁ କଲେ ॥
ଉମାଙ୍କୁ ଘେନି ଗଙ୍ଗାଧର । ସୁତଙ୍କୁ ଘେନି ବେଦବର ॥
କୀର୍ତ୍ତନ ଦେଖିବା ଇଚ୍ଛାରେ । ପ୍ରବେଶ ହେଲେ ସେହିଠାରେ
ପ୍ରହ୍ଲାଦ ଧରି କରତାଳ । ଉଦ୍ଧବ ବାଦ୍ୟେ କଂସାତାଳ ॥
ସ୍ୱରକୁଶଳ ବ୍ରହ୍ମସୁତ । ବଂଶି ବାଦନରେ ଉନ୍ମତ ॥୨୦୨॥
ରାଗ ଆଳାପନ ଫାଲ୍ଗୁନ । ଇନ୍ଦ୍ର ଯେ ମୃଦଙ୍ଗକୁ ଘେନି ॥
ଯେ ସନତ୍କୁମାରଙ୍କ ଗଣ । ଜୟ ଶବଦ ଉଚ୍ଚାରଣ ॥
ଅଗ୍ରତେ ବ୍ୟାସଙ୍କ ନନ୍ଦନ । କହନ୍ତି ରସ ଭାବମାନ ॥
ମଧ୍ୟେ ବୈରାଗ୍ୟ ଜ୍ଞାନ ଭକ୍ତି । ଉତ୍ତମ ବେଶରେ ନାଚନ୍ତି
ଆଶ୍ଚର୍ଯ୍ୟ ଏ କୀର୍ତ୍ତନ ଦୃଷ୍ଟି । ହରି କହନ୍ତି ଦୟା ବହି ॥
ଭାବରେ ହୋଇଲି ମୁ ବଶ । ମୋଠାରୁ ବରକୁ ଅବଶ୍ୟ
ଘେନି ଯେଣୁ ମୁ କୀର୍ତ୍ତନରେ । ପ୍ରୀତ ବହିଲି ଅତ୍ୟନ୍ତରେ
ଏମନ୍ତେ ଶ୍ରୀହରି ବଚନ । ଶୁଣି ସକଳ ସୁ ପ୍ରସନ୍ନ ॥୨୧୦॥
ହୋଇ ଆନନ୍ଦେ ବଚନକୁ । କହିଲେ ଦୃଷ୍ଟି ମାଧବଙ୍କୁ ॥
ସପ୍ତାହ କଥା ସମୟରେ । ଏ ଭକ୍ତମାନଙ୍କ ସଙ୍ଗରେ ॥
ପ୍ରସନ୍ନ ମୂର୍ତ୍ତି ବହି କରି । ବିଜେ କରିବ ନରହରି ॥
ଏ ମନୋରଥକୁ ଆମ୍ଭର । ପୂର୍ଣ୍ଣ କରିବ ଚକ୍ରଧର ॥ ୨୧୪
ସେରୂପେ ହେଉ ବୋଲି କରି । ଅନ୍ତର୍ହିତ ହେଲେ ହରି
ସୃଷ୍ଟି ସନକ କୁମାରାଦି । ମୁନିଙ୍କ ଚରଣକୁ ବନ୍ଦି ॥୨୧୬॥
ନାରଦ ହେଲେ ତୋଷମନ । ତଦନ୍ତେ ସେହି ମୁନିଗଣ ॥
ଏ କଥା ମୃତ କରି ପାନ । କରଣ ମୋହ ବିନାଶନ ॥
ଅନନ୍ତ ପରିପୂର୍ଣ୍ଣ ଚିତ୍ତେ । ସମସ୍ତେ ଗଲେ ଯେଝା ମତେ ॥
ସେ ଶୁକଦେବ ନିଜ ଶାସ୍ତ୍ରେ । ଭକ୍ତି କ ପୁତ୍ରଙ୍କ ସଙ୍ଗତେ ॥
ରଖିଲେ ଯେଣୁ ଭାଗବତ । ସେବାରେ ବୈଷ୍ଣବଙ୍କ ଚିତ୍ତ ॥

କ୍ଷଣେ ନ ତେଜନ୍ତି ଶ୍ରୀହରି । ଭକ୍ତ ବତ୍ସଳ ଚକ୍ରଧାରୀ ॥
ଦାରିଦ୍ର ଦୁଃଖ ତାପଚଳନ୍ତି । ଏ ମାୟା ପୀଡ଼ାଗରେ ହତ ॥
ପଡ଼ନ୍ତି ସଂସାର ସାଗରେ । ଏମନ୍ତ ଜନଙ୍କୁ ଶୁଭରେ ॥
ଏ ମହାଭାଗବତ ଶାସ୍ତ୍ର । ତର୍ଜନ କରୁଛନ୍ତି ନିତ୍ୟ ॥ ୨୨୫॥

ଶୌନକଉବାଚ ॥

ଶୌନକ ଶୁଣି ସୂତ ଗୀର । ପୁଣି ପୃଚ୍ଛିଲେ ଏ ଉତ୍ତର ॥
ହେ ଶୁକ ଦେବ ପରୀକ୍ଷିତ । ରାଜାଙ୍କୁ ଏହୁ ଭାଗବତ ॥
କହିଲେ କେବଣ କାଳରେ । ଆଉର ଗୋକର୍ଣ୍ଣଙ୍କ ଠାରେ
କେବଣ ଦିନେ ଏ ଚରିତ । କହିଲେ କହ ମୋ ଅଗ୍ରତ
ବ୍ରହ୍ମାହିଁ କେବେ ନାରଦଙ୍କୁ । ସାକ୍ଷାତ କଲେ ଅତ୍ୟନ୍ତ ର
ଏ କଥା କହ ତୁମ୍ଭେ ମୋର । ମନୁ ସଂଶୟ ଦୂର କର ॥

ସୂତଉବାଚ ॥

ସୂତ କହନ୍ତି ଶୌନକଙ୍କୁ । ଶୁଣ କହିବା ଏ କଥାକୁ ॥
ଶ୍ରୀକୃଷ୍ଣ ଭୂମିକି ତେଜନ୍ତେ । କଳି ପ୍ରବେଶିଲା ତୁରନ୍ତେ ॥
ତିରିଶି ବର୍ଷ କଳି ଭୋଗେ । ସେ ପରୀକ୍ଷିତଙ୍କର ଆଗେ ॥
ଭାଦ୍ରବ କୃଷ୍ଣ ନବମୀରେ । ଏ ଶାସ୍ତ୍ର କହିଲେ ଦୟାରେ ॥
ରାଜାଙ୍କ ଶ୍ରବଣ ଅନ୍ତରେ । କଳିର ଦ୍ୱିଶତ ବର୍ଷରେ ॥
ଜ୍ୟେଷ୍ଠମାସରେ ଶୁକ୍ଳ ଗତ । ନବମୀ ଦିନରେ ଏ ଶାସ୍ତ୍ର ॥
ଗୋକର୍ଣ୍ଣ ସପ୍ତାହ ବିଧିରେ । କହିଲେ ଭକ୍ତି ମାନସରେ ॥
ଏ ଅନ୍ତେ କଳି ତିନି ଶତ । ବତ୍ସର [illegible] ଅଷ୍ଟଯୁତ ॥
ହୁଅନ୍ତେ କାର୍ତ୍ତିକ ମାସରେ । ଶୁକ୍ଳ ନବମୀ ତିଥିରେ ॥
ବ୍ରହ୍ମାଙ୍କ ଏହୁ ଶୁଣ ସୁତତ । ସାକ୍ଷାତ କଲେ ଏ ଜଗତେ ॥
ଏମନ୍ତ ପୃଚ୍ଛିଲ ଯା ମୋତେ । ସକଳ କହିଲି ଅଗ୍ରତେ ॥

କଳିରେ ଭାଗବତ କଥା । ନାଶ ଲଭିବ ରୋଗ ବ୍ୟଥା ॥
ଶ୍ରୀକୃଷ୍ଣ ପ୍ରୀତିକି କରଇ । ସକଳ ପାପ ବିନାଶଇ ।୨୪୪॥
ମୁକ୍ତି ସାଧନର କାରଣ । ଭକ୍ତି ବିକାସ କରେ ପୁଣ ॥
ଏମନ୍ତ କଥା ଉଣ୍ଡ୍ରିମକୁ । ହେ ସନ୍ଥ ଜନେ ଶୁଣିମାକୁ ॥
ବହୁତ ଆଦର କରିବ । ଏ ଭବ ବନ୍ଧନ ଛେଦିବ ॥
ଏ ଲୋକେ ହିତାର୍ଥ କଳନା । କର ନୋହିଁବ ଚଳମନା
ପାଶ ମୁଦ୍ଗର ଦଣ୍ଡ ଧର । ଦୂତ ଗଣଙ୍କୁ ଦେଖି କର ॥
କଣ୍ଠ ମୂଳରେ ତାହାଙ୍କର । ଧୀରେ କହନ୍ତି ଦଣ୍ଡଧର ॥
ଶ୍ରୀହରି କଥାରେ ନିମଗ୍ନ । ଏମନ୍ତ ଯେଉଁ ସାଧୁ ଜନ ॥
ନ ଯିବ ପାଶେ ତାହାଙ୍କର । ମୁ ନୋହେ ତାହାଙ୍କ ଈଶ୍ୱର
ବିଷ୍ଣୁ ଭକତ ଯେଉଁ ଜନ । ଜାଣ ମୁ ତାହାଙ୍କ ଅଧୀନ ॥
ହେ ଜନ ଅସାର ସଂସାରେ । ହିତସ୍ପୃହା ବିଷୟ ଗତିରେ ॥
ଆକୁଳ ଚିତ୍ତ ତୁମ୍ଭେମାନେ । ଶୁଣାନ୍ତୁ ମୁକ୍ତିର କାରଣେ ॥
ଏ ଶୁକ ଶାସ୍ତ୍ର ସୁଧା ରସ । ପାନ କରଣ ଲଭ ତୋଷ ॥
ବ୍ୟର୍ଥେ କି କାର୍ଯ୍ୟ କୁ ପଞ୍ଚାଟର । ପଡିଣ ଭ୍ରମୁଛ ସଂସାରେ
ଯେଉଁ ଶ୍ରୀ ଭାଗବତ ଶାସ୍ତ୍ର । ଶ୍ରବଣୁ ମୁକ୍ତି ହୁଏ ଜାତ ॥
ଏ କଥା ଲୋକେ ଜଣା ଅର୍ଥେ । ଅଛନ୍ତି ସାକ୍ଷି ପରୀକ୍ଷିତେ ।
ଏଣୁ ଏ ସାଧୁ ଜନମାନେ । ଏ ଶାସ୍ତ୍ରେ ରସ ନିତି ଦନେ ॥
ଫିଟିବ ଭବ ବନ୍ଧ ତ୍ରାସ । ଲଭିବ ଗୋଲକରେ ବାସ ॥
ସଂସାର ସିନ୍ଧୁକୁ ଏ ନାବ । ଭଣିଲେ ପଦ୍ମନାଭ ଦେବ ॥

ଇତି ଶ୍ରୀ ପଦ୍ମପୁରାଣେ ଉତ୍ତରଖଣ୍ଡେ ଶ୍ରୀଭାଗବତ ମହାତ୍ମ୍ୟ ନିରୂପଣେ ନାମ ଷଷ୍ଟମ ଅଧ୍ୟାୟଃ ॥